**ପ୍ଲାଷ୍ଟିକ ମୁକ୍ତ ହେବ ଡମାଡ଼ମଣୀ ପୀଠ**

ଟାଙ୍ଗୀ(କଟକ), (ଡି.ଏନ.ଏ.): କଟକ ଜିଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ଚୌଦ୍ୱାର ଥାନା ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତସ୍ଥିତ ମା' ଡମାଡମଣୀ ପୀଠ। ବିଭିନ୍ନ ସମୟରେ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଏଠାରେ ପଲିଥିନ, ପ୍ଲାଷ୍ଟିକ ପାଣିବୋତଲ ଓ ପ୍ଲାଷ୍ଟିକ ସାମଗ୍ରୀ ଫିଙ୍ଗି ଚାଲିଯାଇଥାନ୍ତି। ଉକ୍ତ ପୀଠକୁ ପ୍ଲାଷ୍ଟିକମୁକ୍ତ କରିବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦିବାସୀ ଫାଉଣ୍ଡେସନ, ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ଓ ସମର୍ପଣ ଫାଉଣ୍ଡେଶନ କର୍ମକର୍ତ୍ତାମାନେ ଶନିବାର ପ୍ରୟାସ କରିଛନ୍ତି। ସତ୍ୟବ୍ରତ ସାମଲ, ଅମନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସେଠାରେ ପଡିଥିବା ସାମଗ୍ରୀକୁ ପୋତାଯାଇଥିଲା।

# ଯୁଗେ ଯୁଗେ ଗୁରୁ ପୂଜ୍ୟ

ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର...। କୁହାଯାଏ ଭଗବାନ ଓ ଗୁରୁ ସମ୍ମୁଖରେ ଥିଲେ ପ୍ରଥମେ ଗୁରୁଙ୍କୁ ପ୍ରଣାମ କରାଯାଏ। କାରଣ ଗୁରୁ ହିଁ ଆମକୁ ଈଶ୍ୱରଙ୍କ ସହ ପରିଚିତ କରାଇଥାନ୍ତି। ତେଣୁ ଯୁଗେ ଯୁଗେ ଗୁରୁଙ୍କ ସ୍ଥାନ ସ୍ୱତନ୍ତ୍ର। ଅଜ୍ଞାନ ଅନ୍ଧାରରୁ ବାଟ କଢ଼ାଇ ସେ ଆଲୋକକୁ ନେଇ ଆସନ୍ତି। ସେଥିପାଇଁ ତ ତାଙ୍କୁ ଦ୍ୱିତୀୟ ଈଶ୍ୱର ବୋଲି କୁହାଯାଏ। ପ୍ରତ୍ୟେକଙ୍କ ଜୀବନରେ କେହି ନା କେହି ଗୁରୁ ଥାଆନ୍ତି। ପାଠ ହେଉ ଅବା ଖେଳକୁଦ କିମ୍ବା ନୃତ୍ୟ ସଙ୍ଗୀତ ସବୁ କ୍ଷେତ୍ରରେ ଆମକୁ ଗୁରୁଙ୍କର ଆବଶ୍ୟକତା ଥାଏ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ସମାଜରେ ନିଜକୁ ପ୍ରତିଷ୍ଠିତ କରି ପାରିଥିବା କେତେଜଣ ପ୍ରତିଭା ଓ ବ୍ୟକ୍ତିତ୍ୱଙ୍କ ଜୀବନରେ ଗୁରୁଙ୍କ ଭୂମିକାକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।

## ଗୁରୁଙ୍କୁ ଚିହ୍ନିପାରି ନ ଥିଲି



ଗୁରୁ କେଳୁଚରଣ ମହାପାତ୍ରଙ୍କ ସହ ମୋର ପ୍ରଥମ ଦେଖା ପୁରୀ ବଡ଼ଦାଣ୍ଡରେ ହୋଇଥିଲା। ସେତେବେଳକୁ ମୁଁ ଚତୁର୍ଥ/ ପଞ୍ଚମ ଶ୍ରେଣୀରେ ପଢୁଥାଏ। ଗୋଟିଏ ନୃତ୍ୟ କାର୍ଯ୍ୟକ୍ରମରେ ମୁଁ ବଡ଼ଦାଣ୍ଡରେ ନାଚୁଥାଏ। ଗୁରୁଜୀ ସେଠାକୁ ଅତିଥି ଭାବେ ଆସିଥାନ୍ତି। ନାଚ ସରିବା ପରେ ସେ ମୋତେ ଡାକି ଗେଲ କଲେ ଓ ଭଲ ନାଚୁଛୁ ବୋଲି କହିଲେ। ତାଙ୍କ କଥା ଶୁଣିବି କ'ଣ ମୋର ନଜର ତାଙ୍କ ବେକରେ ଝୁଲୁଥିବା ଲକେଟ୍ ଉପରେ ପଡିଥିଲା। ଟିକେ ଦୂରକୁ ଆସି ଆଉ ଜଣଙ୍କୁ ମୁଁ ପଚାରିଲି, ସେ ବୁଢାଟା ବେକରେ ଭଲ ଲକେଟ୍ ପକେଇଛି। ନାଚକଲାବେଳେ ପକେଇଲେ ଭଲ ଲାଗନ୍ତା। କିଏ ସେ ବୁଢା। ଏତିକି କହିଛି ଗୁରୁଜୀ ମୋ ପାଖକୁ ଆସିକି କହିଲେ, ମୁଁ କେଳୁଚରଣ ମହାପାତ୍ର। ତାଙ୍କ ମୁହଁରୁ କଥା ଶୁଣିବା ପରେ କ'ଣ କରିବି କେମିତି ଆଗ ପ୍ରଣାମ କରିବି କିଛି ବୁଝିପାରିଲି ନାହିଁ। ପରେ ତାଙ୍କ ପାଖରୁ ନୃତ୍ୟଶିକ୍ଷା କରିଥିଲି।

- ଇଂ. ଶ୍ରୀନିବାସ ଘଟୁଆରୀ, ଓଡ଼ିଶୀ ନୃତ୍ୟଶିଳ୍ପୀ

## ମୋ ପ୍ରଥମ ଗୁରୁ ମା', ବାପା



ମୋର ପ୍ରଥମ ଗୁରୁ ହେଉଛନ୍ତି ମା', ବାପା। ତାଙ୍କଠାରୁ ବହୁତ କିଛି ଶିଖିବାକୁ ପାଇଛି। ଜୀବନରେ ଆମେ ଯେତେ ବି ଆଗକୁ ଗଲେ, ସଫଳତା କିମ୍ବା ବିଫଳତା ପାଇଲେ ସବୁଥିରେ ସେମାନେ ଆମ ସହିତ ରହିଥାନ୍ତି। ଜୀବନର ବାସ୍ତବତା ବିଷୟରେ ମା', ବାପା ଆମକୁ ଶିକ୍ଷା ଦେଇଥାନ୍ତି। ତାଙ୍କ ଶିକ୍ଷାକୁ ମନରେ ରଖି ଆମେ ବାଟ ଚାଲିଲେ ନିଶ୍ଚିତ ଆଗକୁ ବଢ଼ିପାରିବା। ସ୍କୁଲ ଓ କଲେଜର ଜୀବନରେ ମୋ ଶିକ୍ଷୟିତ୍ରୀ, ଶିକ୍ଷକଙ୍କର ମୁଁ ସବୁବେଳେ ପ୍ରିୟ ଛାତ୍ରୀ ହୋଇ ରହିଥିଲି। ଏବେବି ସେମାନଙ୍କ ସହ ମୋର ଯୋଗାଯୋଗ ରହିଛି। ସେମାନେ ମୋ ପାଇଁ ବହୁତ ଗର୍ବିତ। ଏହା ହିଁ ମୋ ପାଇଁ ସବୁଠାରୁ ସ୍ୱତନ୍ତ୍ର।

- ଏଲିନା ସାମନ୍ତରାୟ, ଅଭିନେତ୍ରୀ

## ତାଙ୍କ ଆଶୀର୍ବାଦରୁ ଏମ୍‌ଫିଲ୍‌ରେ ଟପ୍ପର ହେଲି



ହାଇଦ୍ରାବାଦ ସେଣ୍ଟ୍ରାଲ ୟୁନିଭର୍ସିଟିରେ ମୁଁ ଏମ୍‌ଏ ପଢୁଥିବାବେଳେ ପ୍ରଫେସର ଜି. ହରଗୋପାଳଙ୍କ ଦ୍ୱାରା ମୁଁ ବହୁ ମାତ୍ରାରେ ପ୍ରଭାବିତ ହୋଇଛି। ଏତେ ବଡ ପ୍ରଫେସର ହୋଇ ମଧ ସେ ମୋତେ ସବୁ କ୍ଷେତ୍ରରେ ବହୁ ସହଯୋଗ କରିଛନ୍ତି। ଏମ୍‌ଏ ପରେ ହାଇଦ୍ରାବାଦରେ ଏମ୍‌ଫିଲ୍ ପାଇଁ ଏଣ୍ଟ୍ରାନ୍ସ ଦେବାବେଳେ ୱେଟିଙ୍ଗ୍ ଲିଷ୍ଟରେ ମୋ ନାଁ ରହିଲା। ଏହାପରେ ମୁଁ ଟିକେ ଭାଙ୍ଗିପଡିଥିଲି। ରାଜନୀତିର ଶିକାର ହୋଇ ମୋ ସହ ଏପରି ହୋଇଥିବାରୁ ସେ ମୋତେ ସାନ୍ତ୍ୱନା ଦେଇଥିଲେ। ଏମିତିକି ତାଙ୍କ ଘରେ ମୁଁ ରହିଥିଲି। ଗୁରୁଙ୍କ ତତ୍ତ୍ୱାବଧାନରେ ଜେଏନ୍‌ୟୁରେ ଏମ୍‌ଫିଲ ପାଇଁ ଏଣ୍ଟ୍ରାନ୍ସ ଦେଲି ଓ ପାଇଲି ମଧ। ତାଙ୍କ ଆଶୀର୍ବାଦରୁ ଏମ୍‌ଫିଲ୍‌ରେ ଟପ୍ପର ହେଲି। ଏହା ମୋ ପାଇଁ ଚିର ସ୍ମରଣୀୟ।

- ଚନ୍ଦ୍ରଶେଖର ହୋତା, ସାହିତ୍ୟିକ ତଥା ଡିଏସ୍‌ପି, ନବରଙ୍ଗପୁର

## ଗୁରୁଙ୍କଠାରୁ ଫୁଲତୋଡ଼ା ପାଇବା ବଡ଼ ସୌଭାଗ୍ୟ



ସଙ୍ଗୀତର ସାରେଗାମାପା ଦେବେନ୍ଦ୍ର ନାରାୟଣ ଶତପଥୀଙ୍କଠାରୁ ଶିଖିଛି। ମୋ ଜୀବନର ପ୍ରଥମ ଅଡିଆନ୍ସ ପ୍ରୋଗ୍ରାମ ଭୁବନେଶ୍ୱର ୯ନମ୍ବରସ୍ଥିତ ଏକ ମନ୍ଦିରରେ ହୋଇଥିଲା। ସେଠାକୁ ଗୁରୁ ଦେବେନ୍ଦ୍ର ମୋତେ ନେଇଥିଲେ। ପ୍ରଥମ କରି ମୀରା ଭଜନ ଗାଇଥିଲି ଓ ଲୋକମାନେ ଖୁବ୍ ପସନ୍ଦ କରିଥିଲେ। ସେଠାରେ ଗୁରୁଙ୍କ ଆଖିରେ ଯେଉଁ ଖୁସି ଦେଖିଥିଲି ତାହା କଥାରେ ବର୍ଣ୍ଣନା କରିବା ଅସମ୍ଭବ। ସେହିପରି ଆଉଏକ ଘଟଣା ହେଉଛି ଭୁବନେଶ୍ୱର ମ୍ୟୁଜିକ୍ ସର୍କଲରେ ଏକ ପ୍ରୋଗ୍ରାମ ଥିଲା। ଗୁରୁଜୀ ମୋ ଗୀତ ଶୁଣିବାକୁ ଆସିଥିଲେ। ଗୁରୁଜୀ ଷ୍ଟେଜ୍‌କୁ ଆସି ମୋତେ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହା ସମସ୍ତଙ୍କ ଭାଗ୍ୟରେ ନ ଥାଏ।

- ଅଭିଜିତ୍ ମିଶ୍ର, କଣ୍ଠଶିଳ୍ପୀ

## ମୋ ପ୍ରତିଭାକୁ ଗୁରୁ ଚିହ୍ନିଥିଲେ



ଆମେ ଗୁରୁଙ୍କୁ ସେନ୍‌ସାଇ ବୋଲି କହୁ। ସେନ୍‌ସାଇ ସୁଧୀର ଚନ୍ଦ୍ର ଛତ୍ରିଆ ମୋ ପ୍ରତିଭାକୁ ଚିହ୍ନିପାରି ମୋତେ ଶିକ୍ଷା ଦେଇଥିଲେ। ୧ମିନିଟ୍‌ରେ ଗୋଟିଏ ହାତରେ ୩୭୭ ଥର ପଞ୍ଚ୍ କରିବା ରେକର୍ଡ ପାକିସ୍ତାନ ନାମରେ ଥିଲା। ଏହାକୁ ଭାଙ୍ଗିବା ପାଇଁ ମୁଁ ବହୁତ ଚେଷ୍ଟା କରିଥିଲି। ମାତ୍ର ସବୁବେଳେ ମୁଁ ୨୫୦, ୩ଶହ ପାଖାପାଖିରେ ରହି ଯାଉଥିଲି। ସେ ସମୟରେ ସେନ୍‌ସାଇ ମତେ ଉତ୍ସାହିତ କରିବା ସହ ମୋ ପାଇଁ ବହୁତ ପରିଶ୍ରମ କରିଛନ୍ତି। ପଞ୍ଚର ସମସ୍ତ ଟେକ୍‌ନିକ୍ ଶିଖାଇବା ସହ କିପରି ରେକର୍ଡ ଭାଙ୍ଗି ପାରିବି ସେଥିପାଇଁ ଉଦ୍ୟମ କରିଥିଲେ। ଏପରିକି ତୃତୀୟ ରେକର୍ଡ ପାଇଁ ଆଟେମ୍ପ୍ଟ କରିବା ସମୟରେ ହାତ କାମ କରିବା ବନ୍ଦ କରି ଦେଇଥିଲା। ସେ ସମୟରେ ସେନ୍‌ସାଇ ମୋ ହାତ ଷ୍ଟ୍ରେଚ୍ କରିବା ସହ ଏକ୍ସରସାଇଜ୍ କରାଇଥିଲେ। ତାଙ୍କ ପ୍ରେରଣା ଓ ଉଦ୍ୟମ ପାଇଁ ମୁଁ ଆଜି ଆଗକୁ ବଢି ପାରିଛି।

- ସତ୍ୟପୀର ପ୍ରଧାନ, ପଞ୍ଚମ୍ୟାନ୍

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଭାରତ ବିକାଶ ପରିଷଦ ପକ୍ଷରୁ ସାଂସ୍କୃତି କାର୍ଯ୍ୟକ୍ରମ, ଜୟ ଭାରତ ଭବନର କନଫରେନ୍ସ ହଲ, ନିକୋ ପାର୍କ ଛକ, ଅପରାହ୍ନ ୪ଟା ।

**ବ୍ରାଉନସୁଗାର ବିକ୍ରି ଘଟଣା**

## ମାମଲା ରଦ୍ଦ ଆବେଦନକୁ ଖାରଜ କଲେ ହାଇକୋର୍ଟ

**କଟକ ଅଫିସ,୪।୯:** ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ୨୦୨୦ରେ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଏସ୍.କେ. ରାଜାଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟର ଦଫା ୨୧(ସି) ଓ ୨୯ରେ ଏକ ମାମଲା ରୁଜୁ କରିଥିଲା। ଉକ୍ତ ମାମଲା ବାଲେଶ୍ୱର ସ୍ପେଶାଲ ଜଜ୍ କୋର୍ଟରେ ବିଚାରାଧୀନ ଥିବାବେଳେ ଏହାକୁ ରଦ୍ଦ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ଆବେଦନର ଶୁଣାଣି କରି ଖାରଜ କରିବା ସହ ଆବେଦନକାରୀ ମାମଲା ଖାରଜ ପାଇଁ ଟ୍ରାଏଲ୍ କୋର୍ଟରେ ଚାର୍ଜଫ୍ରେମ୍ ସମୟରେ ଉତ୍‌ଥାପନ କରିପାରିବେ ବୋଲି ବିଚାରପତି ଏସ୍.କେ ପାଣିଗ୍ରାହୀଙ୍କୁ ନେଇ ଗଠିତ ଜଣିକିଆ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି ।

## ୪ ଗାଡ଼ି ଜବତ, ୨ ଗିରଫ

**କଟକ ଅଫିସ,୪।୯:** ବାଇକ୍ ଚୋରି ଅଭିଯୋଗରେ ବିଡାନାସୀ ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଯାଜପୁର ଟାଉନ୍‌ର ଦେବପ୍ରସାଦ ମହାନ୍ତି ଓ ଯାଜପୁର ପାଣିକୋଇଲି ଅଞ୍ଚଳର ଆଶିଷ ପରିଡା। ସେମାନଙ୍କଠାରୁ ପୋଲିସ ୪ଟି ଗାଡ଼ି ଜବତ କରିଛି। କଟକ କନିକା ଛକ ଅଞ୍ଚଳର ଶ୍ରୀକାନ୍ତ ପଟ୍ଟନାୟକ ଦେଉଳସାହି ନିକଟରେ ବାଇକ ରଖିଥିବାବେଳେ ତାହା ଚୋରି ହୋଇଯାଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରିଥିଲା।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କଟକ ଅଫିସ, ୪।୯- ୧୦ ଦଫା ଦାବି ନେଇ ଗାଁ ସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ କରାଯାଇଥିଲା। ସମସ୍ତ ବିଧାୟକ ଚଳିତ ବିଧାନସଭା ଅଧିବେଶନରେ ଗାଁ ସାଥୀମାନଙ୍କ ଦାବିଗୁଡ଼ିକୁ ଉତ୍‌ଥାପନ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି। ମୁଖ୍ୟତଃ ମାସକୁ ସର୍ବନିମ୍ନ ୧୦ ଦିନର ଗ୍ୟାରେଣ୍ଟେଡ୍ କାର୍ଯ୍ୟ ସହ ଉଚିତ ପ୍ରାପ୍ୟ ପ୍ରଦାନ, ସମସ୍ତ ଗାଁ ସାଥୀଙ୍କୁ ୨୦ହଜାର ଟଙ୍କା କୋଭିଡ୍ ସହାୟତା ରାଶି ପ୍ରଦାନ ପାଇଁ ଦାବି ହୋଇଛି। ସଂଘର ଜିଲା କମିଟି ସଭାପତି ଗଙ୍ଗାଧର ସାହୁ, ବିଦ୍ୟାଧର ଭୋଇ, ଦୀପ୍ତିମୟୀ ଲେଙ୍କା, ତପନ ମଲିକ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ ।

## ତହସିଲ କାର୍ଯ୍ୟାଳୟରେ ଚାଷୀଙ୍କ ଧାରଣା

**କଣ୍ଠାପଡ଼ା, ୪।୯(ଡି.ଏନ୍.ଏ.)**



୪ ଦଫା ଦାବି ନେଇ ଚାଷୀମାନେ ଧାରଣାରେ ବସିଛନ୍ତି।

୪ ଦଫା ଦାବି ନେଇ କଣ୍ଠାପଡା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଚାଷୀମାନେ ଧାରଣାରେ ବସିଛନ୍ତି। ଏପରି କି ସେମାନେ କିଛି ସମୟ ପାଇଁ ତହସିଲ କର୍ମଚାରୀଙ୍କୁ ତାଲା ପକାଇ ଦେଇଥିଲେ। କଣ୍ଠାପଡା ବିଡିଓ ସନ୍ତୋଷ ପତି ଓ କଟକ ସଦର ଉପଖଣ୍ଡ ପୋଲିସ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ସମାଧାନର ବାଟ ନ ବାହାରିବାରୁ ଧାରଣା ଜାରି ରହିଛି। ମିଳିଥିବା ସୂଚନା ଅନୁଯାୟୀ, କିଛିମାସ ହେଲା ୪୦ରୁ ଊର୍ଦ୍ଧ୍ୱ ଷଣ୍ଢ କଣ୍ଠାପଡା ବ୍ଲକ ଅଧୀନ ବଡପାଟସୁନ୍ଦରପୁର ପଞ୍ଚାୟତର ଚାଷଜମିରେ ପଶି ଫସଲ ଖାଇ ଯାଉଛନ୍ତି। ଯେତେ ଘଉଡାଇଲେ ମଧ କୌଣସି ସୁଫଳ ମିଳୁନାହିଁ। ଷଣ୍ଢମାନଙ୍କୁ କାବୁ କରିବା ପାଇଁ ଗତମାସ ୧୭ ତାରିଖରେ ଚାଷୀମାନେ କଣ୍ଠାପଡା ତହସିଲଦାର, କଣ୍ଠାପଡା ପ୍ରାଣୀଧନ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ତୁରନ୍ତ ଷଣ୍ଢକୁ ଅନ୍ୟତ୍ର ସ୍ଥାନାନ୍ତର, କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଭଳି ୪ଦଫା ଦାବିନେଇ ପାଟସୁନ୍ଦରପୁର ସରପଞ୍ଚ ଦିଲୀପ ସ୍ୱାଇଁଙ୍କ ନେତୃତ୍ୱରେ ଚାଷୀମାନେ ଧାରଣା ଦେଇଥିଲେ। ଏ ନେଇ ତହସିଲଦାର ଆର୍ତ୍ତତ୍ରାଣ ମଲିକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ୯ ଦଫା ଦାବି ନେଇ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**କଟକ ଅଫିସ,୪।୯**

୯ ଦଫା ଦାବି ନେଇ କଟକ ପାଲାମଣ୍ଡପସ୍ଥିତ ଟାଟା ବିଦ୍ୟୁତ୍ କମ୍ପାନୀ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଆମ୍ ଆଦ୍‌ମୀ ପାର୍ଟି(ଆପ୍) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ କଟକ ନଗର ଆମ୍ ଆଦ୍‌ମୀ ପାର୍ଟିର ରାଜ୍ୟ ସଂଖ୍ୟାଲଘୁ ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସଙ୍କ ନେତୃତ୍ୱରେ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେଥିରେ ଉଲ୍ଲେଖ କରାଯାଇଛି, ଦିଲ୍ଲୀରେ ଆପ୍ ସରକାର ୨୦୦ ୟୁନିଟ୍ ବିଜୁଳି ମାଗଣା ଦେଉଥିବେଳେ ଓଡ଼ିଶାରେ ବିଜୁଳି ଦର ଆକାଶ ଛୁଆଁ ହୋଇଛି। ଉକ୍ତ କମ୍ପାନୀ ପକ୍ଷରୁ ବାରମ୍ବାର ବିଜୁଳି କାଟ୍ କରାଯାଉଛି। ଗ୍ରାହକମାନେ ଟଙ୍କା ଦେଇ ନୂଆ ମିଟର ଲଗାଉଥିବାବେଳେ କମ୍ପାନୀ ମାସକୁ ୪୦ ଟଙ୍କା ମିଟର ଭଡ଼ା ଆଦାୟ କରୁଥିବା ଦାବି ପତ୍ରରେ ଉଲ୍ଲେଖ କରାଯାଇଛି । ତୁରନ୍ତ ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଜୋର୍‌ଦାର ଆନ୍ଦୋଳନ କରାଯିବ ବୋଲି ମୁନ୍ତାକିମ୍ କହିଛନ୍ତି। ଏ ସମ୍ପର୍କରେ ଟାଟା ବିଦ୍ୟୁତ୍ କମ୍ପାନୀର କଟକ ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟ୍ଟନାୟକ କହିଛନ୍ତି, ଆମ୍ ଆଦ୍‌ମି ପାର୍ଟି ପକ୍ଷରୁ ଦିଆଯାଇଥିବା ଦାବିପତ୍ର ସମ୍ପର୍କରେ ଅନୁଧ୍ୟାନ କରିନାହିଁ। ଏହି ଦାବିପତ୍ର ଉପସ୍ଥାପନବେଳେ କଟକ ନଗର ସାଧାରଣ ସମ୍ପାଦକ ବିଜୟ ମହାରଣା, ରାଜ୍ୟ ମହିଳା ସଂଖ୍ୟାଲଘୁ ସଭାନେତ୍ରୀ ରେଶମା ଖାନମ୍, ତସ୍କିନ ରହେମାନ, ନିୟାଜ ଖାନ୍, ଅକିଲୁର ରହେମାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ପଞ୍ଚମୁଖୀ ହନୁମାନ ମନ୍ଦିର ଭଙ୍ଗାଯିବାକୁ ନେଇ ୨ ଗୋଷ୍ଠୀ ମାରପିଟ

**କଟକ ସଦର, ୪।୯ (ଡି.ଏନ.ଏ.)**

କିଶନନଗର ତହସିଲ ଅନ୍ତର୍ଗତ ରଟିଲୋସ୍ଥିତ ପଞ୍ଚମୁଖୀ ମନ୍ଦିର ଭଙ୍ଗାଯିବା ପରେ ଶନିବାର ସପକ୍ଷ–ବିପକ୍ଷବାଦୀଙ୍କ ମଧ୍ୟରେ ମାରପିଟ୍ ହୋଇଛି। ଏହି ଘଟଣାରେ ଉଭୟ ପକ୍ଷରୁ ୫ଜଣ ଆହତ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୋଲିସ ୨ଟି ମାମଲା (ନଂ.୧୨୦,୧୨୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମନ୍ଦିର ଭଙ୍ଗାଯିବା ପୂର୍ବରୁ ଉକ୍ତ ସ୍ଥାନରେ ଜିଲା ପ୍ରଶାସନ ପକ୍ଷରରୁ ଜାରି ହୋଇଥିବା ୧୪୪ ଧାରା ଶୁକ୍ରବାର ସନ୍ଧ୍ୟା ୫ଟାରେ ପ୍ରତ୍ୟାହାର ହୋଇଥିଲା। ମନ୍ଦିର ଭଙ୍ଗାଯିବା ଦିନ ସ୍ଥାନୀୟ ଅଞ୍ଚଳର ଜଳଖିଆ ଦୋକାନୀ ଶମ୍ଭୁନାଥ ସାହୁ ଉପସ୍ଥିତ ଥିବା ପୋଲିସ କର୍ମଚାରୀଙ୍କୁ ପାଣି ଯୋଗାଇଥିଲେ। ତେଣୁ ଶନିବାର ମନ୍ଦିର ସପକ୍ଷବାଦୀମାନେ ତାଙ୍କୁ ଧମକ ଦେବା ସହ ପୋଲିସକୁ ପାଣି କାହିଁକି ଯୋଗାଇଥିଲୁ ବୋଲି ପ୍ରଶ୍ନ କରିଥିଲେ। ଅପରପକ୍ଷେ ବିପକ୍ଷବାଦୀମାନେ ମନ୍ଦିର ଭଙ୍ଗାରେ ଖୁସି ମନାଇ ଥଟ୍ଟା ପରିହାସ କରିବା ସହ ଆକ୍ରମଣ କରିଥିଲେ ବୋଲି ସପକ୍ଷବାଦୀ ହେମନ୍ତ କୁମାର ମଲ୍ଲିକ ଥାନାରେ ଏତଲା ଦେଇଛନ୍ତି। ଖବରପାଇ ସାଲେପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝି କିଶନନଗର ଥାନାରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି।

## 'ସମ୍ଭାବ୍ୟ ଦୁର୍ଘଟଣାକୁ ପ୍ରତିହତ ପାଇଁ ଧ୍ୟାନ ଦେଉ ଶିଳ୍ପସଂସ୍ଥା'

**କଟକ ଅଫିସ, ୪।୯**



ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଶିଳ୍ପାନୁଷ୍ଠାନ ବାହାରେ ଆକସ୍ମିକ ବିପର୍ଯ୍ୟୟ ଓ ଦୁର୍ଘଟଣା ପ୍ରତିରୋଧଜନିତ ଜରୁରୀ ଯୋଜନା ପ୍ରସ୍ତୁତି ବୈଠକ ଶନିବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରି କହିଥିଲେ, ରାଜ୍ୟ ବାହାରୁ କଟକକୁ ଟ୍ୟାଙ୍କର ଯୋଗେ ଆମୋନିଆ ଭଳି ବିଭିନ୍ନ ରାସାୟନିକ ଗ୍ୟାସ ଅଣାଯାଉଛି। ଏଣୁ ସମ୍ଭାବ୍ୟ ଦୁର୍ଘଟଣାକୁ ପ୍ରତିହିତ କରିବା ନିମନ୍ତେ ଶିଳ୍ପ ସଂସ୍ଥାଗୁଡିକ ଧ୍ୟାନ ଦେବାକୁ ମିଶ୍ର କହିଥିଲେ। ଜିଲାର ବିଭିନ୍ନ ଶିଳ୍ପସଂସ୍ଥା ଚତୁଃପାର୍ଶ୍ୱରେ ଥିବା ଲୋକଙ୍କ ସୁରକ୍ଷା ପ୍ରତି ପ୍ରାଧାନ୍ୟ ଦେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏହାର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା କରିବା ପାଇଁ ପ୍ରତି ୪ରୁ ୬ ମାସ ମଧ୍ୟରେ ବୈଠକ କରି ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ସହ ଆଲୋଚନା କରିବାକୁ ଜରୁରିକାଳୀନ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ୫ ଏବଂ ୪୨ ନଂ. ଜାତୀୟ ରାଜପଥରେ କ୍ଲୋରିନ ଗ୍ୟାସ ନେଇ ଯାଉଥିବା ଚାଳକଙ୍କୁ ଦୁର୍ଘଟଣା ଏଡାଇବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁ, ଭାରତୀୟ ଶିଳ୍ପ ଏବଂ ବାଣିଜ୍ୟ ସଂଘ ପ୍ରତିଷ୍ଠାନ ଯୁଗ୍ମ ନିର୍ଦ୍ଦେଶକ ସୁରେନ୍ଦ୍ର ବର୍ମା, ବୈଷୟିକ ପରାମର୍ଶଦାତା ଭି.ଆର. ରାଜପୁତ, ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସିଡିଏମ୍‌ଓ ସତ୍ୟବ୍ରତ ଛୋଟରାୟ, ଏମ.କେ. ପ୍ରଧାନ, କଟକ ଜିଲା ସହକାରୀ ନିର୍ଦ୍ଦେଶକ ଚିତ୍ତରଞ୍ଜନ ବେଉରା ପ୍ରମୁଖ ଯୋଗଦେଇଥିଲେ। ଜିଲା ଜରୁରିକାଳୀନ ଅଧିକାରୀ ଏନ.ଏନ୍. ରାଜଲକ୍ଷ୍ମୀ ଓଝା ଧନ୍ୟବାଦ ଦେଇଥିଲେ।

**ସେଲ୍‌ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ଆଶିଷ



@ ଅରବିନ୍ଦ



@ ହାପିନ୍



@ ବିକ୍ରମ



@ ଜୀବନ



@ ସରୋଜ



@ ସାଗର

## ନିମ୍ବଗଛରୁ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ସନ୍ଦେହ**

**ସାଲେପୁର,୪।୯(ଡି.ଏନ.ଏ)**

ସାଲେପୁର ଥାନା ଜପକୁଦ ଫାଣ୍ଡି ଅଧୀନ ରାମକୃଷ୍ଣପୁର ପଞ୍ଚାୟତ ବାଲିସମଳାସ୍ଥିତ ସାଧୁ ଗୋସାଇଁ ମଠ ନିକଟ ଏକ ନିମ୍ବ ଗଛରୁ ଶନିବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ଜଗତପୁର ଥାନା ଅଧୀନ ସାତବାଟିଆ ଗ୍ରାମର ଅକ୍ଷୟ ସାମଲ ( ୪୮)। ଏନେଇ ଜପକୁଦ ଫାଣ୍ଡି ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡଡାକ୍ତରଖାନା ପଠାଇଛି। ଫାଣ୍ଡିରେ ଅପମୃତ୍ୟୁ ମାମଲା (ନଂ.୨୨/୨୧) ରୁଜୁ ହୋଇଛି। ଅକ୍ଷୟଙ୍କ ଘର ଘଟଣାସ୍ଥଳରୁ ୧୫ କିଲୋମିଟର ଦୂରରେ ହୋଇଥିବାବେଳେ ଝୁଲନ୍ତା ମୃତଦେହ ଜବତବେଳେ ହାତବନ୍ଧା ହୋଇଥିଲା। ତାଙ୍କ ମୃତ୍ୟୁକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ହତ୍ୟାପରେ ଏହି ନିମ୍ବ ଗଛରେ ଅକ୍ଷୟଙ୍କୁ ଟାଙ୍ଗି ଦିଆଯାଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଫାଣ୍ଡି ଅଧିକାରୀ ସଞ୍ଜୀବ କୁମାର ଥାଟୋଇ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ସେ କହିଛନ୍ତି।

## ୭ ଜଣଙ୍କୁ ରିମାଣ୍ଡରେ ନେଲା ପୋଲିସ

**ସମବାୟ ବ୍ୟାଙ୍କ ଋଣ ଦୁର୍ନୀତି ଘଟଣା**

**ଖୁଣ୍ଟୁଣୀ,୪।୯ (ଡି.ଏନ.ଏ.)**

ଆଠଗଡ଼ ବ୍ଲକ ଗୁରୁଡ଼ିଝାଟିଆ ସମବାୟ ବ୍ୟାଙ୍କ ସମେତ ୨୬ଟି ବ୍ୟାଙ୍କରେ ବହୁ କୋଟି ଟଙ୍କାର ଋଣ ଦୁର୍ନୀତି ହୋଇଥିଲା। ଏହି ଘଟଣାରେ ଗିରଫ ହୋଇ ଜେଲରେ ଥିବା ୭ ଜଣଙ୍କୁ ଗୁରୁଡିଝାଟିଆ ପୋଲିସ ଶନିବାର ୨ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିଛି। ଏହି ଦୁର୍ନୀତି ସମ୍ପର୍କରେ ଚାଷୀମାନେ ଅଭିଯୋଗ କରିଥିଲେ। ଫଳରେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରିବା ପାଇଁ ସ୍ଥାନୀୟ ପୋଲିସ ଆଠଗଡ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲା। କୋର୍ଟ ଏହା ବିଚାରକୁ ନେଇ ପୋଲିସକୁ ଅନୁମତି ପ୍ରଦାନ କରିଥିଲେ। ଶନିବାର ପ୍ରଥମ ଦିନରେ ପଚରାଉଚରା ଜାରି ରହିଥିବାରୁ ଆଇଆଇସି ରଞ୍ଜନ କୁମାର ପ୍ରଧାନ ତଥ୍ୟ ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ।

## ରାସ୍ତା ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.): ଏକାମ୍ର ବିହାର ଲେନ ନଂ.୧ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟର ଶୁକ୍ରବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ରାସ୍ତା ନିର୍ମାଣ ପାଇଁ ୪ଲକ୍ଷ ୭୦ ହଜାର ଟଙ୍କା ଅନୁଦାନର ବ୍ୟବସ୍ଥା କରାଇଛନ୍ତି। ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଏକାମ୍ର ବିହାର ଅଞ୍ଚଳବାସୀ ଓ ଆସୋସିଏଶନ ସଭାପତି କେଶବ ଚନ୍ଦ୍ର ବେହେରା, ସମ୍ପାଦକ ଅମୀୟ ଦାସ, ସୋମନାଥ ଶତପଥୀ, ବଦ୍ରି ରଥ, ସରୋଜ ଦାସ, ଜିତୁ ନନ୍ଦ, ତପନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ନନ୍ଦନକାନନ ସୁରକ୍ଷା ପାଚେରି ଭାଙ୍ଗି ପଶିଲା ଜଙ୍ଗଲୀ ହାତୀ

ବାରଙ୍ଗ,୪।୯(ଡି.ଏନ୍.ଏ.): ଚନ୍ଦକା ଜଙ୍ଗଲରୁ ଶୁକ୍ରବାର ରାତିରେ ଏକ ହାତୀ ଖାଦ୍ୟ ଅନ୍ୱେଷଣରେ ନନ୍ଦନକାନନ ପଛପଟ ସୁରକ୍ଷା ପାଚେରି ଭାଙ୍ଗି ପଶିଯାଇଥିବା ଜଣାପଡ଼ିଛି। ନନ୍ଦନକାନନ ପରିସରରେ ଏଣେତେଣେ ବୁଲିବା ସହିତ ହାତୀ ସଫାରିର ମୁଖ୍ୟ ଫାଟକ ବନ୍ଦ ଥିବାରୁ ଧକ୍କା ମାରିବାରୁ ଭାଙ୍ଗି ଯାଇଥିଲା। ତେବେ ହାତୀ ସଫାରିରେ ରହିଥିବା ବାସନ୍ତୀ, ପ୍ରେମା ଓ ହୀରାଙ୍କର କୌଣସି କ୍ଷତି କରିନାହିଁ। ବନ୍ଧା ହୋଇ ରହୁଥିବା ଏହି ହାତୀମାନେ ଜଙ୍ଗଲୀ ହାତୀ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି। ସକାଳ ହୋଇଯିବାରୁ ନନ୍ଦନକାନନର ହମିରାଟାଙ୍ଗିରେ ହାତୀଟି ରହିଛି। ଏନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଏସିଏଫ୍ ଅମୂଲ୍ୟ କୁମାର ପରିଡାଙ୍କ ନେତୃତ୍ୱରେ ଏକ ଟିମ୍ ହମିରାଟାଙ୍ଗୀ ଯାଇ ହାତୀକୁ ଠାବ କରିବା ସହ ସୁରକ୍ଷା ପାଚେରି ଭାଙ୍ଗିଥିବା ସ୍ଥାନ ଅନୁଧ୍ୟାନ କରିଥିଲେ। ହାତୀଟି କିପରି ଚନ୍ଦକା ଜଙ୍ଗଲକୁ ଯିବ ସେ ନେଇ ଏହି ଟିମ ସଜାଗ ରହିଥିବା ଜଣାପଡିଛି।

## ପୂର୍ବତଟ ରେଳପଥ ପକ୍ଷରୁ ଭଗତଙ୍କୁ ଶୁଭେଚ୍ଛା

ଭୁବନେଶ୍ୱର,୪।୯: ୨୦୨୦-ଟୋକିଓ ପାରାଲିମ୍ପିକର ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ ଦେଶବାସୀଙ୍କୁ ଗର୍ବିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବତଟ ରେଳପଥ ମଧ ଭଗତଙ୍କୁ ଅଶେଷ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛି। ଗତ ୪ବର୍ଷ ହେଲା ଭଗତ ଭାରତୀୟ ରେଲୱେର ପୂର୍ବତଟ ରେଳପଥ କ୍ରୀଡ଼ା ସଙ୍ଗଠନ ସହ ଜଡ଼ିତ ଅଛନ୍ତି। ସେ ବର୍ଷ ବର୍ଷ ଧରି ରେଳପଥର ମଞ୍ଚେଶ୍ୱର ରେଲୱେ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଅଭ୍ୟାସ କରୁଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି।

## ଜୀବନବିନ୍ଦୁ କାର୍ଯ୍ୟକ୍ରମ : ୨୪୫ ୟୁନିଟ୍ ରକ୍ତ ସଂଗ୍ରହ

ଆଠଗଡ଼/ସାଲେପୁର,୪।୯(ସ୍ୱ.ପ୍ର./ଡି.ଏନ୍.ଏ.): ସ୍ଥାନୀୟ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଓଡିଶା ମୋ ପରିବାର ଓ ଜୀବନବିନ୍ଦୁ ଆନୁକୂଲ୍ୟରେ ୩ ଦିନ ବ୍ୟାପୀ ଚାଲିଥିବା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୁତ୍ର ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। କଟକ ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ ରକ୍ତ ଭଣ୍ଡାର କର୍ତ୍ତୃପକ୍ଷଙ୍କ ପରିଚାଳନାରେ ଉକ୍ତ ଶିବିରର ଶେଷ ଦିନରେ ୧୧୯ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଶିବିରର ପ୍ରଥମ ଦିନରେ ଯୁବ ବିଜେଡି ପକ୍ଷରୁ ୭୦ ଓ ୨ୟ ଦିନରେ ମହିଳା ବିଜେଡି ପକ୍ଷରୁ ୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସେହିପରି ସାଲେପୁରସ୍ଥିତ ଇନଷ୍ଟିଚ୍ୟୁଟ ଅଫ ଫାର୍ମାସୀ ଆଣ୍ଡ ଟେକ୍ନୋଲୋଜି କଲେଜ ପରିସରରେ ରେଡ଼କ୍ରସ୍ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଫାର୍ମାସୀ କଲେଜର ବହୁ ଛାତ୍ରୀଛାତ୍ର ଏବଂ ଅଧାପିକା ଅଧାପକ ଏଥିରେ ଅଂଶଗ୍ରହଣ କରିଥିଲେ।

# ଏକାମ୍ର ହାଟରେ ବର୍ଷସାରା କାର୍ଯ୍ୟକ୍ରମ ଚାଲିବ

**ପୁନରୁଦ୍ଧାର କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ**

- ଯୋଡ଼ିହେବେ ରାଜ୍ୟର ପ୍ରଖ୍ୟାତ କଳାକାର
- ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲାରୁ କଳାକାରଙ୍କୁ ଷ୍ଟଲ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୪।୯(ବ୍ୟୁରୋ)



ଏକାମ୍ର ହାଟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଓ ଅନ୍ୟମାନେ।

ନୃତ୍ୟ, ସଙ୍ଗୀତ ଓ ପ୍ରଦର୍ଶନରେ ପରିପୂର୍ଣ୍ଣ ରହିବ ଏକାମ୍ର ହାଟ। ଓଡ଼ିଆ ଖାଦ୍ୟ ସହିତ ହସ୍ତତନ୍ତ, ବସ୍ତ୍ର ଓ ହସ୍ତକଳାର ପ୍ରୋତ୍ସାହନ ପାଇଁ ଏଠାରେ ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିବ। ଏକାମ୍ର ହାଟକୁ କଳା, ସଂସ୍କୃତି, ପରମ୍ପରାର ସ୍ୱତନ୍ତ୍ର କେନ୍ଦ୍ର ଭାବେ ବିକଶିତ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ସେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ସହ ଏକାମ୍ର ହାଟକୁ ପରିଦର୍ଶନରେ ଯାଇ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିବା ଅବସରରେ ଉପସ୍ଥିତ ଅଧିକାରୀଙ୍କୁ ଏହା କହିଛନ୍ତି। ବିଭିନ୍ନ ଜିଲାରୁ ଶ୍ରେଷ୍ଠ କାରିଗରଙ୍କୁ ବାଛି ସେମାନଙ୍କୁ ପର୍ଯ୍ୟାୟକ୍ରମେ ଦୁଇମାସ ପାଇଁ ଷ୍ଟଲ୍ ବଣ୍ଟନ କରିବା ପାଇଁ ସେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସଚିବ ଶୁଭା ଶର୍ମାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟଟକ ଓ ପରିଦର୍ଶକଙ୍କ ପାଇଁ ଓଡ଼ିଶାର ତାରକସି, ପଟ୍ଟଚିତ୍ର, ଟେରାକୋଟା, ପିତ୍ତଳ କାର୍ଯ୍ୟ, ବାଉଁଶ କାମ, ବାଡ଼ି କାମ, ଶିଙ୍ଗ କାର୍ଯ୍ୟ ସର୍ବୋତ୍ତମ ଉତ୍ପାଦ ବର୍ଷାସାରା ଉପଲବ୍ଧ ହେବ। ସେହିପରି ସମ୍ବଲପୁରୀ, ବୋମକେଇ, ବରହମ୍‌ପୁରୀ, ମାଣିଆବନ୍ଧ, ବନ୍ଧନ ଭଳି ହସ୍ତତନ୍ତ ଉତ୍ପାଦ ବିକ୍ରୟ ପାଇଁ ଷ୍ଟଲଗୁଡ଼ିକୁ ଚିହ୍ନଟ କରିବାକୁ କୁହାଯାଇଛି। ଖାଣ୍ଟି ଓଡ଼ିଆ ଖାଦ୍ୟ ଏବଂ ରୋଷେଇ ପାଇଁ ସ୍ୱତନ୍ତ୍ର ଷ୍ଟଲ୍ ରହିବ। ଉନ୍ନୟନ କମିଶନର ଜେନା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ସ୍ଥାନକୁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରରେ ପରିଣତ କରିବା ନିମନ୍ତେ ପ୍ରତିଦିନ ହାଟର ଆମ୍ଫି ଥିଏଟରରେ ସର୍ବୋତ୍ତମ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ମିଳିତ କାର୍ଯ୍ୟ କରାଯିବା ଉଚିତ। ମୁଖ୍ୟ ଶାସନ ସଚିବ ଆହୁରି ମଧ୍ୟ କହିଛନ୍ତି, ଏକାମ୍ର ହାଟକୁ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡେଭଲପମେଣ୍ଟ ଆର୍ଟ ଆଣ୍ଡ୍ କ୍ରାଫ୍ଟ(ସିଡାକ୍) ପରିଚାଳନା କରିବ। ଏଠାରେ ଓଡ଼ିଶୀ, ଗୋଟିପୁଅ, ଘୁମୁରା, ସମ୍ବଲପୁରୀ, ଛଉ, ଚଇତି, ଦଣ୍ଡନାଚ, ଡାଲଖାଇ, ଘୋଡ଼ାନାଚ ସହିତ ଆଦିବାସୀ ଫୋକ୍ ନାଚ ପରିବେଷଣ କରାଯିବ। ରାଜ୍ୟର ବିଭନ୍ନ ଅଞ୍ଚଳରୁ ପ୍ରଖ୍ୟାତ କଳାକାରଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପର୍ଯ୍ୟଟକଙ୍କୁ ଓଡ଼ିଆ ଖାଦ୍ୟ ପରଷିବା ପାଇଁ ପ୍ରଶିକ୍ଷିତ ସ୍ୱୟଂ ସହାୟକ ଗୋଷ୍ଠୀ ନିୟୋଜିତ ହେବେ। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସଚିବ ଶୁଭା ଶର୍ମା କହିଛନ୍ତି, ୬୦ଟି ଷ୍ଟଲ ସହିତ ୩୩ଟି ପ୍ରଦର୍ଶନ ପାଇଁ ଶେଡ୍ ପ୍ରସ୍ତୁତ ରହିଛି। ହସ୍ତତନ୍ତ ପାଇଁ ସ୍ୱତନ୍ତ୍ର ୧୪ଟି ଷ୍ଟଲ୍ ଚିହ୍ନଟ ହୋଇଛି। ହସ୍ତଶିଳ୍ପ ପାଇଁ ୨୮ଟି ଷ୍ଟଲ ଏବଂ ୮ଟି ଷ୍ଟଲ୍ ଡେମୋନଷ୍ଟ୍ରେଶନ କାଉଣ୍ଟର ରହିବ। ୩୩ଟି ଷ୍ଟଲକୁ ଚିତ୍ରଶିଳ୍ପୀଙ୍କୁ ଦିଆଯାଇଛି। ସେମାନେ ତାଙ୍କ ଉତ୍ପାଦ ସେଠାରେ ପ୍ରଦର୍ଶନ ଏବଂ ବିକ୍ରି କରିବେ।

## ଅନ୍ଧାରୁଆରେ ପ୍ରତିଷ୍ଠା ହେବ ଆଇକନିକ୍ ଆଦର୍ଶ ବିଦ୍ୟାଳୟ

**ଆଜି ଭିତ୍ତିପ୍ରସ୍ତର ସ୍ଥାପନ**

ଭୁବନେଶ୍ୱର, ୪।୯(ବ୍ୟୁରୋ)

ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆରେ ଆଇକନିକ୍ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବ। ରବିବାର ଗୁରୁ ଦିବସରେ ଏହି ବିଦ୍ୟାଳୟର ଶୁଭ ଦିଆଯିବ। ୨୫ ଏକର ଜମିରେ ୧୦୦ କୋଟି ଟଙ୍କା ବିନିଯୋଗରେ ପ୍ରତିଷ୍ଠା ହେବାକୁ ଥିବା ଏହି ବିଦ୍ୟାଳୟରେ ଯୁକ୍ତ୨ ଶିକ୍ଷାଦାନ କରାଯିବ। ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ୫୦୦ ଲେଖାଏ ପିଲା ପାଠ ପଢ଼ିପାରିବେ। ରାଜ୍ୟରେ ଥିବା ୩୧୪ ଆଦର୍ଶ ବିଦ୍ୟାଳୟରୁ ମେଧାବୀ ଛାତ୍ରୀଛାତ୍ର ଏହି ସ୍କୁଲରେ ପଢ଼ିବାକୁ ସୁଯୋଗ ପାଇବେ ଓ ଉନ୍ନତ ମାନର ଶିକ୍ଷାଦାନ ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆଇକନିକ୍ ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଗତବର୍ଷ ସୂଚନା ଦିଆଯାଇଥିଲା।

## ରାଜଧାନୀରେ ପୁଣି ସେକ୍ସ ର୍‍ୟାକେଟ ଠାବ

**ହୋଟେଲରୁ ୮ବଙ୍ଗୀୟ ଯୁବତୀ ଉଦ୍ଧାର, ୨ ଦଲାଲ ଗିରଫ**

ଭୁବନେଶ୍ୱର,୪।୯(ବ୍ୟୁରୋ)

ବାଂଲାଦେଶ, ପଶ୍ଚିମବଙ୍ଗରୁ ଯୁବତୀମାନଙ୍କୁ ଆଣି ରାଜଧାନୀରେ ସେକ୍ସ ରାକେଟ୍ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଶନିବାର ଏକ ବିଶେଷସୂତ୍ରରୁ ଖବର ପାଇ ଭରତପୁର ଥାନା ପୋଲିସ କଳିଙ୍ଗନଗର କେ-୨ରେ ଥିବା ଏକ ଓୟୋ ହୋଟେଲରେ ଚାଲିଥିବା ସେକ୍ସ ରାକେଟ୍ ଉପରେ ପୋଲିସ ଚଢ଼ାଉ କରିଛି। ସେଠାରୁ ୮ ବଙ୍ଗୀୟ ଯୁବତୀଙ୍କୁ ଉଦ୍ଧାର କରାଯିବା ସହ ୨ ଦଲାଲଙ୍କୁ ଅସଂଜତ ଅବସ୍ଥାରେ ପୋଲିସ ଗିରଫ କରିଛି। ସେଠାରୁ ଆପତ୍ତିଜନକ ସାମଗ୍ରୀ, ୧୦ରୁ ଅଧିକ ମୋବାଇଲ ଫୋନ୍, ମେଡିସିନ୍, ମଦ ଓ ନଗଦ ଟଙ୍କା ଜବତ ହୋଇଛି। ଏ ନେଇ ପୋଲିସ ୩୧୪/୨୧ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ରବିବାର ଯୁବତୀଙ୍କୁ ସୁଧାରଗୃହ ପଠାଯିବା ସହ ଦଲାଲଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ ଫେରାର୍ ଥିବା ହୋଟେଲ ମାଲିକଙ୍କୁ ଧରିବା ପାଇଁ ପୋଲିସ ଚେଷ୍ଟା ଚଳାଇଛି। ପୂର୍ବରୁ ପୁରୁଣା ଭୁବନେଶ୍ୱର, ଖଣ୍ଡଗିରି, ବରମୁଣ୍ଡା, ଲକ୍ଷ୍ମୀସାଗର, ଶହୀଦନଗର ଅଞ୍ଚଳରୁ ଅନେକ ସେକ୍ସ ରାକେଟ୍ ଠାବ ହୋଇଛି।

## ଲୁଟ୍ ଗହଣା ବନ୍ଧକ ରଖି ଗିରଫ ହେଲେ ଶାଖା ମୁଖ୍ୟ

- ୨ ଲୁଟ୍ ଅଭିଯୁକ୍ତ ମଧ ଗିରଫ
- ଜାମିନ ନ ମିଳିବାରୁ ଜେଲ ଗଲେ

ଭୁବନେଶ୍ୱର,୪।୯(ବ୍ୟୁରୋ)



ଜବତ ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ।



ଗିରଫ ଦୁଇ ଲୁଟ୍ ଅଭିଯୁକ୍ତ।

କୌଣସି କାଗଜପତ୍ର ଯାଞ୍ଚ ନ କରି ଲୁଟ୍ ସୁନାକୁ ବନ୍ଧକ ରଖି ଲୁଟେରାଙ୍କୁ ଋଣ ଦେବା ଶେଷରେ କାଳ ହୋଇଛି। ଖାରବେଳନଗର ଥାନା ପୋଲିସ ଶନିବାର ଚନ୍ଦ୍ରଶେଖରପୁରସ୍ଥିତ ମାନାପୁରମ୍ ଅର୍ଥ ଲଗାଣକାରୀ ସଂସ୍ଥାର ଶାଖା ମୁଖ୍ୟଙ୍କୁ ଗିରଫ କରିବା ସହ ସେଠାରୁ ୨୯.୨ ଗ୍ରାମ ସୁନା ଅଳଙ୍କାରକୁ ଜବତ କରିଛି। ଗିରଫ ଶାଖା ମୁଖ୍ୟ ହେଲେ ଆଶିଷ କୁମାର ଗୟା। ଏଥିସହ ସୁନା ଲୁଟ୍ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ସେମାନେ ହେଲେ ନୀଳାଦ୍ରିବିହାର ଇଶାନେଶ୍ୱର ବସ୍ତିରେ ରହୁଥିବା ନୟାଗଡ଼ ଖଣ୍ଡପଡ଼ା ଅଞ୍ଚଳର ବିଭୂତି ପ୍ରଧାନ ଓରଫ ବିଭୁ (୨୮) ଓ ସୀତାନାଥନଗର ବସ୍ତିରେ ରହୁଥିବା କଟକ ବାଙ୍କୀ ତୁଳସୀପୁର ଗାଁର ଶୁଭ୍ରଜିତ୍‌ଦେବତା ଓରଫ କାହ୍ନା (୨୮)। ବିଭୁ ଓ କାହ୍ନା ହେଉଛନ୍ତି ପେସାଦାର ଅପରାଧୀ। ଏମାନଙ୍କ ନାମରେ ଚନ୍ଦ୍ରଶେଖରପୁର ଥାନାରେ ପୂର୍ବରୁ ୬ଟି ଆପରାଧିକ ମାମଲା ରହିଥିବା ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ ସୂଚନା ଦେଇଛି।

ସୂଚନା ମୁତାବକ, ଗତ ୨୫ ତାରିଖ ରାତି ପ୍ରାୟ ୮ଟାରେ ଏକ ସ୍କୁଟିରେ ଖାରସୁଗୁଡା ବମ୍ବେ ଛକ ଅଞ୍ଚଳରେ ରହୁଥିବା କ୍ରିଷ୍ଣାବେଣୀ ଆଚାରୀ ତାଙ୍କ ଝିଅ ଓ ପୁଅଙ୍କ ସହ ଶିଖରଚଣ୍ଡୀରୁ ଭୁବନେଶ୍ୱର ରେଳଷ୍ଟେଶନକୁ ଆସୁଥିଲେ। ଏହି ସମୟରେ ଲୁଟେରା ବିଭୁ ଓ କାହ୍ନା ଜୟଦେବ ବିହାରରୁ ତାଙ୍କ ପିଛା କରିଥିଲେ। ପିଏମ୍‌ଜି ନିକଟରେ କ୍ରିଷ୍ଣାବେଣୀଙ୍କଠାରୁ ଏକ ଭ୍ୟାନିଟ୍ ଝମ୍ପିନେଇଥିଲେ। ଫଳରେ ସେ ସ୍କୁଟିରୁ ଖସିପଡି ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଖବର ପାଇ ଖାରବେଳନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଚିକିତ୍ସିତ ହେବାପରେ କ୍ରିଷ୍ଣାବେଣୀ ଘଟଣା ସମ୍ପର୍କରେ ଥାନାରେ ଏତଲା ଦେଇଥିଲେ। ଲୁଟ୍ ଭ୍ୟାନିଟ୍‌ରେ ୨ ସୁନା ଚେନ୍, ୨ ମୋବାଇଲ, ଗୋଟିଏ ହଳ କାନ ଫୁଲ, ଗୋଟିଏ ସୁନା ମୁଦି ଓ ନଗଦ ୩ ହଜାର ଟଙ୍କା ସମେତ ଜରୁରୀ କାଗଜପତ୍ର ରହିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ଏହାକୁ ଆଧାର କରି ପୋଲିସ ମାମଲା ନଂ.୨୭୬/୨୧ ରୁଜୁ କରି ଅଧିକ ଖୋଳତାଡ଼ କରିଥିଲା। ପ୍ରଥମେ ପୋଲିସ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଚଢ଼ାଉ କରି କାହ୍ନା ଓ ବିଭୁଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ସେମାନେ ଲୁଟ୍ ସୁନା ଅଳଙ୍କାରକୁ ଚନ୍ଦ୍ରଶେଖରପୁରସ୍ଥିତ ମାନାପୁରମ୍ ଆସେସଟ୍ସ ଫାଇନାନ୍ସ ଲିମିଟେଡ ସର୍ଭିସ୍‌ରେ ବନ୍ଧକ ରଖି ଟଙ୍କା ଆଣିଥିବା ସ୍ୱୀକାର କରିଥିଲେ। ଏହାପରେ ପୋଲିସ ସେଠାରେ ଚଢ଼ଉ କରିଥିଲା। ତଦନ୍ତ ସମୟରେ ବ୍ରାଞ୍ଚ ମୁଖ୍ୟ ଆଶିଷ କୌଣସି କାଗଜପତ୍ର ଯାଞ୍ଚ ନ କରି ଉକ୍ତ ଲୁଟ୍ ସୁନାକୁ ବନ୍ଧକ ରଖି ୮୦ହଜାର ଟଙ୍କା ଋଣ ଦେଇଥିବା ପୋଲିସ ଜାଣିବା ପରେ ତାଙ୍କୁ ଗିରଫ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି।

## ନନ୍ଦନକାନନ ପାଳିଲା ଆନ୍ତର୍ଜାତିକ ଶାଗୁଣା ଦିବସ

ବାରଙ୍ଗ,୪।୯(ଡି.ଏନ୍.ଏ.)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଶନିବାର ଆନ୍ତର୍ଜାତିକ ଶାଗୁଣା ସଚେତନତା ଦିବସ ପାଳନ କରାଯାଇଛି। ଏହି ଅବସରରେ ନନ୍ଦନକାନନ ବୁଲିବାକୁ ଆସିଥିବା ପର୍ଯ୍ୟଟକଙ୍କୁ ନେଇ ଦସ୍ତଖତ ଅଭିଯାନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୨୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନନ୍ଦନକାନନ ଶିକ୍ଷାଧିକାରୀ ମିଳନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆନ୍ତର୍ଜାତିକ ଶାଗୁଣା ସଚେତନତା ଦିବସରେ ନନ୍ଦନକାନନ ଉପନିର୍ଦ୍ଦେଶକ ଡ.ସଞ୍ଜିତ୍ କୁମାର ଉତ୍ସବରେ ଯୋଗଦେଇ ବଟାନିକାଲ ଗାର୍ଡେନରେ ୨୦୦୮ରୁ ଆରମ୍ଭ କରାଯାଇ ୨୦୧୨ରେ ଶାଗୁଣା ପ୍ରଜନନ କାର୍ଯ୍ୟକ୍ଷମ ହୋଇଥିଲା ବୋଲି କହିଛନ୍ତି। ରାଜ୍ୟ ବାହାରୁ ଶାଗୁଣା ଅଣାଯାଇ ସେମାନଙ୍କ ପ୍ରଜନନ କ୍ଷମ ପାଇଁ ପ୍ରଜନନ କେନ୍ଦ୍ରରେ ରଖାଯାଇ ଉଦ୍ୟମ କରାଯାଇଥିଲା। ପର୍ଯ୍ୟାୟକ୍ରମେ ସେମାନେ ଅଣ୍ଡା ଦେଇଥିଲେ। କିନ୍ତୁ କେତେକ ଅଣ୍ଡାରୁ ଛୁଆ ବାହାରିଥିଲେ ମଧ୍ୟ ଛୁଆ ବଞ୍ଚିନଥିଲେ। ବଳକା ଅଣ୍ଡା ଗୁଡିକ ନଷ୍ଟ ହୋଇଯାଇଥିଲା। ଏହାର କାରଣ ଜାଣିବା ପାଇଁ ଓ ଶାଗୁଣାର ସଫଳ ପ୍ରଜନନ ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ବିଶେଷଜ୍ଞଙ୍କ ସହ ଆଲୋଚନା କରୁଛନ୍ତି ବୋଲି ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର କହିଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ମିଳୁନି ପ୍ରାପ୍ୟ

ଭୁବନେଶ୍ୱର,୪।୯(ବ୍ୟୁରୋ)

ଓଡ଼ିଶା ସମବାୟ ଗୃହ ନିର୍ମାଣ ନିଗମ ଲିମିଟେଡରେ ୨୦୧୮ରୁ ଏଯାବତ୍ ଅବସର ନେଇଥିବା କର୍ମଚାରୀଙ୍କୁ ବିଭିନ୍ନ ପ୍ରାପ୍ୟ ମିଳୁନାହିଁ। ଏନେଇ ନିଗମର ନିର୍ଦ୍ଦେଶିକା ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାର ବିରୋଧରେ ଗତ ୧ତାରିଖରୁ ୪ଜଣ ପୂର୍ବତନ କର୍ମଚାରୀ ନିଗମ କାର୍ଯ୍ୟାଳୟ ବିରୋଧରେ ଆମରଣ ଅନଶନ କରି ଆନ୍ଦୋଳନ ଜାରି ରଖିବା ସହ ସରକାର ସେମାନଙ୍କ ଦୁଃଖ ବୁଝିବାକୁ ନିବେଦନ କରିଛନ୍ତି।

## ଉତ୍ତରପୁରୁଷର ନାଟ୍ୟ କର୍ମଶାଳା ଆରମ୍ଭ

ଭୁବନେଶ୍ୱର, ୪।୯ (ବ୍ୟୁରୋ)

ନାଟ୍ୟାନୁଷ୍ଠାନ ଉତ୍ତରପୁରୁଷ ପକ୍ଷରୁ ୨୧ ଦିନିଆ ନାଟ୍ୟ କର୍ମଶାଳା 'ରଙ୍ଗଭାରତୀ-୧୪' ଶନିବାର ଉଦ୍‌ଘାଟିତ ହୋଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ଉତ୍ତରପୁରୁଷରେ ୧୫ଜଣ ଯୁବ ପ୍ରଶିକ୍ଷାର୍ଥୀ ଯୋଗ ଦେଇଛନ୍ତି। ଏହି ନାଟ୍ୟ କର୍ମଶାଳାକୁ ନାଟ୍ୟ ବ୍ୟକ୍ତିତ୍ୱ ଚୌଧୁରୀ ଜୟପ୍ରକାଶ ଦାସ ପରିଚାଳନା କରିବେ। ଉଦ୍‌ଘାଟନୀ ଉତ୍ସବରେ ସିନେ ଅଭିନେତା ଦୁଷ୍ମନ୍ତ ସାହୁ ଯୋଗଦେଇ, ନାଟକ ବ୍ୟକ୍ତିତ୍ୱର ବିକାଶରେ ସହାୟକ ହୁଏ ବୋଲି କହିଥିଲେ। ନାଟ୍ୟ ସଂଘ ସଭାପତି ହରେନ ସାହୁ ଯୋଗଦେଇ କହିଲେ, ନାଟକ ଭଲ ମଣିଷ ତିଆରି କରିଥାଏ। ନାଟକ ବ୍ୟକ୍ତିର ବହୁ ପ୍ରତିଭାକୁ ବିକଶିତ କରିଥାଏ ବୋଲି ନାଟ୍ୟ ସଂଘର ସଭାପତି ହରେନ ସାହୁ କହିଥିଲେ। ନିର୍ଦ୍ଦେଶକ ପ୍ରସନ୍ନ ମିଶ୍ର ସଂସ୍ଥାର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଉତ୍ତରପୁରୁଷ ଦୀର୍ଘ ୫୦ ବର୍ଷ ଧରି ନାଟକ ପ୍ରଦର୍ଶନ କରିବା ସହିତ ବହୁ ଅଭିନେତା ସୃଷ୍ଟି କରିଛି। ଉତ୍ତର ପୁରୁଷ ଯଥାର୍ଥରେ ଅଭିନେତା ତିଆରି କାରଖାନା ବୋଲି ସେ ମତ ଦେଇଥିଲେ। ସମ୍ପାଦକ ପ୍ରସନ୍ନ ମିଶ୍ର ଯୁଗ୍ମ ସମ୍ପାଦକ ଦେବଦତ୍ତ ପତି ସଭା ପରିଚାଳନା କରିଥିବାବେଳେ ସଭ୍ୟ ଚକ୍ରଧର ପାତ୍ର ଧନ୍ୟବାଦ ଦେଇଥିଲେ।



ନାଟ୍ୟ କର୍ମଶାଳାରେ ଯୋଗ ଦେଇଥିବା କଳାକାର ଓ ଅନ୍ୟମାନେ।

## ୩ଦିନରେ ୧୪ହଜାର ହେକ୍ଟର ଜମିକୁ ଜଳସେଚନ

**ଉଠା ଜଳସେଚନ ସ୍ଥିତି ସମ୍ପର୍କରେ ସମୀକ୍ଷା**

ଭୁବନେଶ୍ୱର, ୪।୯(ବ୍ୟୁରୋ)

ରାଜ୍ୟ ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଶନିବାର ଓଡ଼ିଶା ଉଠା ଜଳସେଚନ ନିଗମ(ଓଏଲ୍‌ଆଇସି) ସମ୍ମିଳନୀ କକ୍ଷରେ ରାଜ୍ୟରେ ଉଠା ଜଳସେଚନ ବ୍ୟବସ୍ଥାରେ ଜଳସେଚନ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଓଏଲ୍‌ଆଇସି ଅଧ୍ୟକ୍ଷ ଅମରେଶ ପତ୍ରୀ ଓ ନିଗମର ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ ଯୋଗଦେଇ କହିଥିଲେ ଯେ, ରାଜ୍ୟରେ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇଛି। ସବୁ ଚାଷ ଜମିକୁ ଯୁଦ୍ଧକାଳୀନ ଭିତ୍ତିରେ ଜଳସେଚନ ସୁବିଧା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏଭଳି ପରିସ୍ଥିତିରେ ଓଏଲ୍‌ଆଇସି ଚାଷୀ କୁଳର ଭରସା ସାଜି କୃଷି କ୍ଷେତ୍ରକୁ ଜଳସେଚନ ପାଇଁ ସହଯୋଗ କରିବାକୁ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଏଲ୍‌ଆଇସି ଅଧ୍ୟକ୍ଷ ଅମରେଶ ପତ୍ରୀ କହିଲେ ଯେ, ସମ୍ଭାବ୍ୟ ମରୁଡ଼ି ପରିସ୍ଥିତିରେ ନିଗମ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସାରିବା ଓ ପ୍ରକଳ୍ପ ସଚଳ କରି ଜଳସେଚନ ଯୋଗାଇବାରେ ସମର୍ଥ ହେବ ବୋଲି ଅମରେଶ ଆଶା ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ଜଳସେଚନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗତ ୨ ତାରିଖରେ ଅନୁଷ୍ଠିତ ବୈଠକରେ ସବୁ ବିଦ୍ୟୁତ୍ ଯୋଗାଣ କମ୍ପାନୀଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶାନୁସାରେ ତ୍ୱରିତ ପଦକ୍ଷେପ ନିଆଯିବା ଫଳରେ ଗତ ୩ ଦିନ ମଧ୍ୟରେ ୧୪ ହଜାର ହେକ୍ଟର ଜମିକୁ ଜଳ ଯୋଗାଣ କରାଯାଇଥିବା ନିଗମର ପରିଚାଳନା ନିର୍ଦ୍ଦେଶକ ସୂଚନା ଦେଇଥିଲେ। ନିଗମ ତରଫରୁ ନିର୍ମାଣାଧୀନ ପ୍ରକଳ୍ପ ଶେଷ ହୋଇଥିଲେ ଏବଂ ମରାମତି ହୋଇଥିଲେ ମଧ କେତେକ ପ୍ରକଳ୍ପଗୁଡିକୁ ବିଦ୍ୟୁତ୍ ସଂଯୋଗୀକରଣ ହୋଇ ନ ଥିବା ବା ବକେୟା ବିଦ୍ୟୁତ୍ ଦେୟ ଯୋଗୁ ପ୍ରକଳ୍ପଗୁଡିକ ଚାଲିପାରୁ ନ ଥିଲା। ପ୍ରକାଶ ଥାଉକି ୨୦୨୧ ଜୁଲାଇ ୩୧ସୁଦ୍ଧା ରାଜ୍ୟରେ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ, ଡିପ୍ ବୋର ୱେଲ୍, ଅଗଭୀର ନଳକୂପ ଆଦି ମିଶି ୧ଲକ୍ଷ ୨୧ ହଜାର ୧୦୬ଟି ପ୍ରକଳ୍ପ ରହିଥିବା ବେଳେ ୧୨.୪୬ ଲକ୍ଷ ହେକ୍ଟର ଜମିକୁ ସେଚାଞ୍ଚଳ ସୁବିଧା କରାଯାଇଥିଲା। ତନ୍ମଧ୍ୟରୁ ୧ଲକ୍ଷ ୧୦ ହଜାର ୩୮୮ଟି ପ୍ରକଳ୍ପ ସଚଳ ରହିଛି ଓ ଏସବୁ ଦ୍ୱାରା ୧୦.୮୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଯାଉଛି। ମରାମତି ଯୋଗ୍ୟ ଅସ୍ଥାୟୀ ଭାବେ ଅଚଳ ଥିବା ୯,୫୫୫ଟି ପ୍ରକଳ୍ପକୁ ଆବଶ୍ୟକତା ଅନୁସାରେ ସଚଳ କରାଯାଉଛି ଯାହା ଦ୍ୱାରା ୧ଲକ୍ଷ ୩୪ ହଜାର ୯୮୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ହୋଇପାରିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ବୈଠକରେ ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟକାରୀ ହେଉଥିବା ଉଠାଜଳସେଚନ ପ୍ରକଳ୍ପଗୁଡ଼ିକର ସଂଖ୍ୟା, ଏହାର ସ୍ଥିତି ଓ କାର୍ଯ୍ୟକାରିତା ସମ୍ପର୍କରେ ମନ୍ତ୍ରୀ ଅବଗତ ହୋଇଥିଲେ।

# ସମ୍ପାଦକଙ୍କ ପରେ ଖବରଦାତା ଗିରଫ

**ଅପମାନଜନକ ଖବର ପରିବେଷଣ, ଧମକ ମାମଲା**

- ଜାମିନ ନାମଞ୍ଜୁର ହେବାରୁ ଜେଲ୍ ଗଲେ
- ଦିନିକିଆ ରିମାଣ୍ଡ ପାଇଁ ମିଳିଲା ଅନୁମତି

ଭୁବନେଶ୍ୱର,୪।୯(ବ୍ୟୁରୋ)

ଦୌଡରାଣୀ ଦୂତୀ ଚାନ୍ଦଙ୍କ ବିରୋଧରେ ବିବାଦୀୟ ଖବର ପ୍ରସାରଣ କରିବା ସହ ଧମକ ଦେଇ ବଟି ମାଗିବା ଅଭିଯୋଗରେ ମହିଳା ଥାନା ପୋଲିସ ପ୍ରଥମେ ଫୋକସ୍ ପ୍ଲସ୍ ୱେବ୍ ପୋର୍ଟାଲର ସମ୍ପାଦକ ସୁଧାଂଶୁ ଶେଖର ରାଉତ ଏବଂ ପରେ ଉକ୍ତ ପୋର୍ଟାଲର ଖବରଦାତା ସ୍ମୃତିରଞ୍ଜନ ବେହେରାଙ୍କୁ ଶନିବାର ଗିରଫ କରିଛି। ପୋଲିସ ମାମଲା ନଂ.୧୦୬/୨୧ରେ ଉଭୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପୋଲିସ ପକ୍ଷରୁ କୋର୍ଟରେ ୭ ଦିନିଆ ରିମାଣ୍ଡ ପାଇଁ ଆବେଦନ କରିଥିବାବେଳେ ଗୋଟିଏ ଦିନ ରିମାଣ୍ଡ ଅନୁମତି ମିଳିଛି। ଉକ୍ତ ୱେବ୍ ପୋର୍ଟାଲର ମୁଖ୍ୟ କାର୍ଯ୍ୟାଳୟ ଗତ ବୁଧବାର ଦୂତୀ ଏକ ଖବରଦାତା ସମ୍ମିଳନୀ କରି କହିଥିଲେ, ୱେବ୍ ଚ୍ୟାନେଲ ରିପୋର୍ଟର ସ୍ମୃତିରଞ୍ଜନ ମୋ ଗାଁକୁ ଯାଇ ବିଭିନ୍ନ ପ୍ରଲୋଭନ ଦେଖାଇ ମୋ ବିରୋଧରେ ମା' ବାପାଙ୍କ ନିକଟରୁ କିଛି ତଥ୍ୟ ସଂଗ୍ରହ କରିଥିଲେ। ମୁଁ ଅଲିମ୍ପିକ୍ସ ପାଇଁ ଟୋକିଓରେ ଥିବା ସମୟରେ ସମ୍ପାଦକ ସୁଧାଂଶୁ ଶେଖର ମୋ ନିକଟକୁ ଭିଡିଓ ପଠାଇ ପ୍ରସାରଣର ଧମକ ଦେଇ ଅର୍ଥ ଦାବି କରିଥିଲେ। ମୋ ଚରିତ୍ର ସଂହାର କରି ସାମାଜିକ ଗଣମାଧ୍ୟମରେ ବଦନାମ କରିଥିଲେ। ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ନକାରାତ୍ମକ ଟିପ୍ପଣୀ ଦେଇଥିବାରୁ ସେ ସେମାନଙ୍କ ବିରୋଧରେ ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଦୂତୀଙ୍କ ବିରୋଧରେ ପୂର୍ବରୁ ଅଭିଯୋଗ ଆଣିଥିଲେ ସୁଧାଂଶୁ

ଦୂତୀଙ୍କ ଅଭିଯୋଗକୁ ପୋର୍ଟାଲ ସମ୍ପାଦକ ସୁଧାଂଶୁ ଶେଖର ରାଉତ ଖଣ୍ଡନ କରିଥିବାବେଳେ ପୂର୍ବରୁ ଅର୍ଥାତ୍ ଗତ ଅଗଷ୍ଟ ୪ରେ ସେ ଦୂତୀଙ୍କ ବିରୋଧରେ ଲକ୍ଷ୍ମୀସାଗର ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ସୁଧାଂଶୁଙ୍କ ଓକିଲ ବ୍ୟୋମକେଶ ତ୍ରିପାଠୀଙ୍କ ସୂଚନା ଅନୁସାରେ, ଫୋକସ୍ ପ୍ଲସ ୱେବ ଚ୍ୟାନେଲର ଖବରଦାତା ସ୍ମୃତିରଞ୍ଜନ ବେହେରା ଅଗଷ୍ଟ ୩ରେ ଦୂତୀଙ୍କ ପରିବାର ସହ ଯୋଗାଯୋଗ କରିଥିଲେ। ଦୂତୀ ସେମାନଙ୍କୁ ନିର୍ଯାତନା ସହ ଖରାପ ବ୍ୟବହାର କରିଥିବା କଥା ପରିବାର ଲୋକେ କହିଥିଲେ। ଏହାର ସତ୍ୟାସତ୍ୟ ଜାଣିବା ନେଇ ୪ ତାରିଖରେ ଦୂତୀଙ୍କ ସହ ସ୍ମୃତିରଞ୍ଜନ ଯୋଗାଯୋଗ କରିଥିଲେ। ହେଲେ ସେ ତାଙ୍କ ମା' ଓ ଅନ୍ୟମାନଙ୍କୁ ନିର୍ଯାତନା ଦେଉଥିବା କଥା ପରିବାର ଲୋକେ ଭିଡିଓରେ କହିଥିବା ଜାଣିବା ପରେ ଦୂତୀ ରାଗି ଯାଇଥିଲେ। ସୁଧାଂଶୁଙ୍କ ସମେତ ସମସ୍ତଙ୍କୁ ଧମକ୍ ଦେବା ସହ ତାଙ୍କୁ ଟଙ୍କା ମାଗୁଥିବା କହି ଜେଲରେ ପୂରାଇଦେବାକୁ କହିଥିଲେ। ଏନେଇ ସୁଧାଂଶୁ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ମାମଲା ରୁଜୁ ନ କରିବାରୁ ଅଗଷ୍ଟ ୯ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ, ଯାହାକି କ୍ରିମିନାଲ୍ ମିସ୍ କେସ୍ ନଂ ୧୩୦୦/୨୦୨୧ରେ ପଞ୍ଜୀକୃତ ହୋଇଥିଲା। ୧୧ ତାରିଖରେ ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ଏହାର ତଦନ୍ତ ରିପୋର୍ଟ ୪ ସପ୍ତାହରେ ଦେବାକୁ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ହାଇକୋର୍ଟରୁ ପ୍ରତିଦିନ ଚିଠି ହସ୍ତଗତ ହେଉଛି। ତେଣୁ ଉକ୍ତ ଚିଠି ସମ୍ପର୍କରେ ଜାଣି ନ ଥିବା କହିବା ସହ ଯାଞ୍ଚ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି। ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି କହିଛନ୍ତି, ହାଇକୋର୍ଟ ବା ଡିସିପି ଅଫିସରୁ କୌଣସି ଚିଠି ତାଙ୍କର ହସ୍ତଗତ ହୋଇନାହିଁ।

## ବଜ୍ରପାତରେ ଚାଷୀ ଗୁରୁତର

ନିରାକାରପୁର,(ଡି.ଏନ୍.ଏ.): ନିରାକାରପୁର ଥାନା ଅଧୀନ ରେଙ୍ଗଟା (ଷଠିପଦର) ଅଞ୍ଚଳରେ ଶନିବାର ବଜ୍ରପାତ ଘଟି ଜଣେ ଚାଷୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ରେଙ୍ଗଟା ଗାଁର ଶତ୍ରୁଘ୍ନ ପରିଡ଼ା(୭୦)। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଅପରାହ୍ନ ୪ଟା ୩୦ରେ ଶତ୍ରୁଘ୍ନ ବିଲରୁ ଫେରୁଥିବା ବେଳେ ହଠାତ୍ ବଜ୍ରପାତର ଶିକାର ହୋଇଥିଲେ। ଖବରପାଇ ଗ୍ରାମବାସୀ ଓ ପରିବାର ଲୋକେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ଆଜି କ'ଣ କେଉଁଠି

**ପୁରୀ**

- ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ, ଭୁବନେଶ୍ୱରୀ ମନ୍ଦିର, ଅବକାଶ ଲେନ, ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଜିପିଏଲ, ଏଫ ଏସ୍ କର୍ମଚାରୀ ସଂଘ ପକ୍ଷରୁ ସଭା, ସଂସ୍କୃତି ଭବନ, ପୂର୍ବାହ୍ନ ୧୧ଟା।
- ଭାଜପା ମହିଳା ମୋର୍ଚ୍ଚାର କାର୍ଯ୍ୟକାରିଣୀ ବୈଠକ, ମାଳତିପାଟପୁରସ୍ଥିତ ୱାଣ୍ଡର ୱାଟର ପାର୍କ, ମଧ୍ୟାହ୍ନ ୧୨ଟା।
- ଶ୍ରୀକଳାନିକେତନ ପକ୍ଷରୁ ଗୁରୁ ସମ୍ବର୍ଦ୍ଧନା ସମାରୋହ, ସିଦ୍ଧ ବକୁଳ ମଠ, ଅପରାହ୍ନ ୫ଟା।
- ଛାତ୍ର-ଶିକ୍ଷକ ଅଭିଭାବକ ସମିତି ପକ୍ଷରୁ ଗୁରୁଦିବସ ପାଳନ, ଓଡ଼ିଶା ସଂଗୀତ ପରିଷଦ, ସନ୍ଧ୍ୟା ୬ଟା।

**ବୋଲଗଡ଼**

- ପରମାନନ୍ଦ ମହାବିଦ୍ୟାଳୟର ୪୧ତମ ପ୍ରତିଷ୍ଠା ଦିବସ, ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଗୁରବେ ନମଃ-ସମ୍ବର୍ଦ୍ଧନା ଉତ୍ସବ, ନନ୍ଦିଘୋଷ ଭବନ, ଅପରାହ୍ନ ୨ଟା।

## ସଂକ୍ଷେପରେ

### ବାଇକ୍ ଜବତ, ୪ ଗିରଫ

**ଜଟଣୀ,୪।୯(ଡି.ଏନ୍.ଏ.):** ବାଇକ୍ ଚୋରି ଅଭିଯୋଗରେ ଜଟଣୀ ପୋଲିସ ୪ଜଣ ଚୋରଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଜଟଣୀ ପୌରାଞ୍ଚଳର ବାବୁ ଓରଫ ଏସ୍.କେ.ସାହବୁଦ୍ଦିନ୍, ବାଦଲ ଓରଫ ଏସ୍.କେ.ସ୍ୱାଧୀନ, ରାଜା ଓରଫ ଜଗନ୍ନାଥ ବାରିକ ଏବଂ ରଥିପୁର ଗ୍ରାମର ବାସା ଓରଫ ଏସ୍.କେ.ବସୁରୁଦ୍ଦିନ। ଏମାନଙ୍କ ନିକଟରୁ ୨ଟି ବାଇକ୍ ଓ ୨ଟି ସ୍କୁଟି ଜବତ ହୋଇଛି। ସୂଚନା ମୁତାବକ, ଜଟଣୀ ଓ ଆଖପାଖ ଅଞ୍ଚଳରେ ବାଇକ୍ ଚୋରି ହେଉଥିବା ନେଇ ଅଭିଯୋଗ ହେଉଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ଶୁକ୍ରବାର ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ବାଇକ୍, ସ୍କୁଟି ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୪୫୩/୨୧) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି।

### ସେକ୍ ନଜିର ଫୁଟବଲ ଟୁର୍ନାମେଣ୍ଟ ଆଜି

**ଖୋର୍ଦ୍ଧା ଅଫିସ,୪।୯:** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମରୁ ଅନେକ ଫୁଟବଲ ଖେଳାଳି ବାହାରିଛନ୍ତି; ଯେଉଁମାନେ ରାଜ୍ୟ ତଥା ଜାତୀୟ ସ୍ତରରେ ଗୌରବ ହାସଲ କରିଛନ୍ତି। ସେକ ନଜିର ଏବଂ ଖ୍ୱାଜା କମାଲୁଦ୍ଦିନ ଖାଁଙ୍କ ସ୍ମରଣେ ପ୍ରତିବର୍ଷ କେରଙ୍ଗରେ ଦୁଇଟି ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ କେରଙ୍ଗ ଅହମ୍ମଦୀୟା ମୁସଲିମ ଫୁଟବଲ ପଡିଆରେ ରବିବାର ଦିନିକିଆ ସେକ ନଜିର(ହଂସଭାଇ) ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ମୋଟ୍ ୮ଟି ଟିମ୍ ଅହମଦୀୟା ସଙ୍ଗଠନ କେରଙ୍ଗ, ନୀଳଚକ୍ର ସ୍ପୋର୍ଟସ କ୍ଲବ ପୁରୀ, ସାରଳା କ୍ଲବ ଢେଙ୍କାନାଳ, ଆରିଆନ୍ସ କ୍ଲବ ଖୋର୍ଦ୍ଧା, ଶିବଶକ୍ତି ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର, ପତିତପାବନ କ୍ଲବ ବ୍ରହ୍ମପୁର ଏବଂ ମିଳନ କ୍ଲବ ମୁକୁନ୍ଦ ପ୍ରସାଦ ଟିମ ଅଂଶଗ୍ରହଣ କରିବେ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

### ପ୍ରାଣୀଧନ ଚିକିତ୍ସାଳୟ ପରିସରରେ ମୁକୁଳା କୂଅ



**ନିରାକାରପୁର,୪।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ପ୍ରାଣୀଧନ ଚିକିତ୍ସାଳୟ ପରିସରରେ ବ୍ୟବହାର ପାଇଁ ଏକ କୂଅ ନିର୍ମାଣ କରାଯାଇଥିଲା। ଫନୀ ବାତ୍ୟାରେ କୂଅର ଉପର ଭାଗ ସମ୍ପୂର୍ଣ୍ଣ ଭୁଶୁଡି ପଡି କୂଅ ଭିତରକୁ ପଡ଼ିଯାଇଛି। ଏବେ ଏହି କୂଅ ଉପରେ ଅନାବନା ଗଛ ମାଡ଼ିବା ସହ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ତେବେ ଚିକିତ୍ସାଳୟର ସୁରକ୍ଷା ପାଚେରି ନ ଥିବାରୁ ଏଠାକୁ ବୁଲା ପ୍ରାଣୀମାନେ ଘାସ ଖାଇବା ପାଇଁ ଆସୁଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି। ଅନେକ ସମୟରେ ଚିକିତ୍ସାଳୟ ପରିସରରେ ଚରୁଥିବା ପ୍ରାଣୀଙ୍କୁ ନେବାକୁ ସ୍ଥାନୀୟ ଲୋକେ ଆସିଥାନ୍ତି। କେତେବେଳେ ଅଘଟଣ ନ ଘଟିବ କହି ହେବ ନାହିଁ। ଏହି କୂଅର ମରାମତି ସହ ସୁରକ୍ଷା ପାଚେରି ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ପ୍ରାଣୀଧନ ଚିକିତ୍ସକ ଭବାନୀ ଶଙ୍କର ବିଶ୍ୱାଳ କହିଛନ୍ତି, ଫନୀ ବାତ୍ୟାରେ କୂଅର ଉପର ଭାଗ ଭୁଶୁଡି ଯାଇଛି। ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ ପଦକ୍ଷେପ ନିଆଯାଇ ନାହିଁ ବୋଲି ସେ କହିଛନ୍ତି।

# ଏସ୍‌ପି ଅଫିସ ଆଗରେ ସମର୍ଥକଙ୍କ ବିକ୍ଷୋଭ

**ମାନବବାଦ ସଙ୍ଗଠନର ମୁଖ୍ୟ ମାନସ ଦାସଙ୍କ ଗିରଫ ଘଟଣା**

- ଗଣମାଧ୍ୟମରେ ମିଥ୍ୟା ପ୍ରଚାର କରାଯାଉଛି
- ବେଲେଶ୍ୱରଙ୍କ ଗିରଫ ଦାବି ତେଜୁଛି

ଖୋର୍ଦ୍ଧା ଅଫିସ,୪।୯



ଏସ୍‌ପି ଅଫିସ ଆଗରେ ସମର୍ଥକମାନେ ବିକ୍ଷୋଭ କରୁଛନ୍ତି।

ମାନବବାଦ ସଙ୍ଗଠନର ମୁଖ୍ୟ ତଥା ଆତ୍ମଘୋଷିତ ଗୁରୁଜୀ ମାନସ ଦାସ ଓ ତାଙ୍କ ପୁଅ ମନୋରଞ୍ଜନଙ୍କ ଗିରଫ ପରେ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ମାନସଙ୍କ ମୁକ୍ତି ଦାବିରେ ସମର୍ଥକମାନେ ଖୋର୍ଦ୍ଧା ଏସ୍‌ପି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଶନିବାର ପୁଣି ଶତାଧିକ ମହିଳା, ପୁରୁଷ ଅପରାହ୍ନରେ କଣ୍ଟା ଛକଠାରୁ ଶୋଭାଯାତ୍ରାରେ ବାହାରି ଏସ୍‌ପି ଅଫିସ ଆଗରେ ବିକ୍ଷୋଭ କରିଥିଲେ। ଗୁରୁଜୀ ନିର୍ଦ୍ଦୋଷ, ତାଙ୍କୁ ମିଥ୍ୟା କେଶରେ ଫସାଇ ଦିଆଯାଇଛି। ଗଣମାଧ୍ୟମରେ ଗୁରୁଜୀଙ୍କ ନାଁରେ ମିଥ୍ୟା ପ୍ରଚାର କରାଯାଉଛି ବୋଲି ସମର୍ଥକମାନେ କହିଥିଲେ। ଏଥିସହ ନିରୀହ ଆଦିବାସୀଙ୍କୁ ଜାତିଗତ ସାର୍ଟିଫିକେଟ ଦେବା ଆଳରେ ସାମାଜିକ ବିଶୃଙ୍ଖଳା ସୃଷ୍ଟି କରୁଥିବା ନୀଳମାଧବ ଆଦିବାସୀ ସଂଘ ଆବାହକ ବେଲେଶ୍ୱର ପରିଡ଼ାଙ୍କ ଗିରଫ ଦାବି କରିଥିଲେ। ୨୦୨୦ ଜୁନ ୧୪ରେ ଦଧିମାଛଗାଡିଆ ଲାଲା ପ୍ରଧାନ ହତ୍ୟାକାଣ୍ଡ ଘଟଣାରେ ଗୁରୁଜୀଙ୍କ କୌଣସି ସମ୍ପୃକ୍ତି ନାହିଁ। ଏହି ହତ୍ୟା ପଛରେ ବେଲେଶ୍ୱରଙ୍କ ସମ୍ପୃକ୍ତି ରହିଛି ବୋଲି ମୃତକଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା କହିଛନ୍ତି। ବେଲେଶ୍ୱରଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସମର୍ଥକମାନେ ଦାବି କରିଛନ୍ତି। ଏନେଇ ନୀଳମାଧବ ଆଦିବାସୀ ସଂଘ ଆବାହକ ବେଲେଶ୍ୱରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଶାନ୍ତିଶୃଙ୍ଖଳା ପାଇଁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଘଟଣାସ୍ଥଳରେ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର, ଡିଏସପି ଓମ୍‌ପ୍ରକାଶ ପାତ୍ର, ସୁଜିତ ପଣ୍ଡା, ଟାଉନ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ, ସଦର ଥାନାଧିକାରୀ ଅନିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଡାଇମଣ୍ଡକୁ ହରାଇ ସଂଘର୍ଷ କ୍ଲବ ଚାମ୍ପିୟନ

**ମଦନପୁର ଫୁଟବଲ ଲିଗ୍ ଟୁର୍ନାମେଣ୍ଟ**




ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

ଯାଁଳା,୪।୯(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅଧୀନ ମଦନପୁର ହାଇସ୍କୁଲ ଖେଳପଡ଼ିଆରେ ନବଜ୍ୟୋତି କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଚତୁର୍ଥ ମଦନପୁର ଫୁଟବଲ ଲିଗ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ସରଧାପୁରର ଡାଇମଣ୍ଡ କ୍ଲବକୁ ୨-୦ ଗୋଲରେ ହରାଇ ଭୁବନେଶ୍ୱରର ସଂଘର୍ଷ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ମ୍ୟାଚ୍‌ର ୧୮ ମିନିଟ ଓ ୨୪ ମିନିଟରେ ସଂଘର୍ଷ କ୍ଲବର ରାଜେଶ ନାଏକ ଦୁଇଟି ଗୋଲ ଦେଇଥିବା ବେଳେ ପ୍ରତିପକ୍ଷ ଦଳ ମ୍ୟାଚ ଶେଷ ସୁଦ୍ଧା କୌଣସି ଗୋଲ ଦେଇ ପାରି ନ ଥିଲେ। ଦୁର୍ଗା ଆଚାର୍ଯ୍ୟ, ସୁଶାନ୍ତ ମିଶ୍ର ଓ ଅବିନାଶ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଶିଳ୍ପପତି ନବରଞ୍ଜନ ପଟ୍ଟନାୟକ, ଆଇନଜୀବୀ ରବି ସାମନ୍ତରାୟ ଯୋଗଦେଇଥିଲେ। ଡ.ଛେନୁ ଶେଖର ପଟ୍ଟନାୟକ, ଆବାହକ ପ୍ରଦୀପ ବଳିଆରସିଂହ ଉପସ୍ଥିତ ଥିଲେ। ରାଜେଶଙ୍କୁ ଫେୟାର ଅଫ ଦି ଟୁର୍ନାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଟିମକୁ ଟ୍ରଫି ସହ ୫ହଜାର ଟଙ୍କା ଓ ରନର୍ସ ଅପ ଟିମକୁ ଟ୍ରଫି ସହ ୩ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ।

## ବ୍ଲାକ୍ ବେଲ୍ଟ ପରୀକ୍ଷାରେ ଅଂଶିତା, ସଂଗ୍ରାମ ଉତ୍ତୀର୍ଣ୍ଣ

ବାଲୁଗାଁ,୪।୯(ଡି.ଏନ୍.ଏ.)

ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଓ ବ୍ଲାକ୍ ବେଲ୍ଟ ପରୀକ୍ଷା ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ୧୪ଜଣ ପ୍ରଶିକ୍ଷାର୍ଥୀ ବ୍ଲାକ୍ ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଖୋର୍ଦ୍ଧା ଜିଲା ଉତ୍କଳ କରାଟେ ସ୍କୁଲରେ କରାଟେ ଶିକ୍ଷାଗ୍ରହଣ କରୁଥିବା ଖୋର୍ଦ୍ଧା ସହରର ଅଂଶିତା ସାହୁ ଓ ବାଲୁଗାଁ ଅଞ୍ଚଳର ସଂଗ୍ରାମ ନାୟକ କୃତିତ୍ୱ ଅର୍ଜନ କରିଥିଲେ। ପ୍ରଶିକ୍ଷକ ସେନ୍‌ସେଇ ଦୀପକ ସାମନ୍ତରାୟଙ୍କ ପରିଶ୍ରମ ଓ ସାଧୁତା ଯୋଗୁ ଦୁଇ ପ୍ରଶିକ୍ଷାର୍ଥୀ ବ୍ଲାକ୍ ବେଲ୍ଟ ହାସଲ କରିପାରିଛନ୍ତି। ଏହି ପ୍ରଶିକ୍ଷଣ ଶିବିର ଓ ବ୍ଲାକ୍ ବେଲ୍ଟ ପରୀକ୍ଷାକୁ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ସିଆନ ଡ.ହରିପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। ପ୍ରଶିକ୍ଷାର୍ଥୀଙ୍କ ଏପରି ସଫଳତା ଯୋଗୁ ପ୍ରତିଷ୍ଠାତା ଡ. ପଟ୍ଟନାୟକ, ସେନ୍‌ସେଇ ସେକ୍ ଆଜାଉଲ ହକ୍, ସେନସେଇ ରଞ୍ଜନ ସାମନ୍ତରାୟ, ମୂର୍ଚ୍ଛନା ସୁବୁଦ୍ଧି ଓ ଅଭିଭାବକଙ୍କ ସହ ଅଞ୍ଚଳର ଅନେକ କ୍ରୀଡ଼ାପ୍ରେମୀ ଅଭିନନ୍ଦନ ଜଣାଇଛନ୍ତି।

# ବିଶ୍ୱଶାନ୍ତିର ବାର୍ତ୍ତା ଦେଲା ମୁସଲିମ ଯୁବ ସଙ୍ଗଠନ

ଖୋର୍ଦ୍ଧା ଅଫିସ,୪।୯



କେରଙ୍ଗ ଅହମ୍ମଦୀୟା ମୁସଲିମ ଯୁବ ସଂଗଠନ ପକ୍ଷରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା।

ବିଶ୍ୱଶାନ୍ତି ଓ ଭାଇଚାରାର ବାର୍ତ୍ତା ନେଇ ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କେରଙ୍ଗ ଅହମ୍ମଦୀୟା ମୁସଲିମ ଯୁବ ସଙ୍ଗଠନ ପକ୍ଷରୁ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏକାଧିକ ଅହମ୍ମଦୀୟା ମୁସଲିମ ଯୁବକମାନେ ପ୍ରେମ, ଶାନ୍ତି, ସଦ୍‌ଭାବର ବାର୍ତ୍ତା ନେଇ କେରଙ୍ଗ, ଦିବ୍ୟସିଂହପ୍ରସାଦ, କଣ୍ଟିଲୋ ଏବଂ କୁମ୍ଭିଲୋ ଗ୍ରାମରେ ପରିକ୍ରମା କରିଥିଲେ। ଏଥିସହ ସଭିଏ ପଢନ୍ତୁ-ସଭିଏ ବଢନ୍ତୁ, ମହିଳାଙ୍କୁ ଉପଯୁକ୍ତ ସମ୍ମାନ ଏବଂ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇଥିଲେ। ଏହି ଶୋଭାଯାତ୍ରାରେ ଭାରତ ଅହମଦୀୟା ଯୁବ ସଙ୍ଗଠନର ଉପସଭାପତି ସଫାରତ ଖାଁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କେରଙ୍ଗ ସଭାପତି ମୁନଓ୍ୱର ଅହମ୍ମଦ ଖାଁ, ମୌଲାନା ମୀର ଅବ୍ଦୁଲ ହଫିଜ, ମୌଲାନା ଫଜଲ ହକ ଖାଁ, ଜିଲା ଯୁବ ସଭାପତି ସୋଲେମାନ ଖାଁ, କେରଙ୍ଗ ଯୁବ ସଭାପତି ସେକ୍ ହବିବ, ମହମୁଦାବାଦ ଯୁବ ସଭାପତି ସେକ୍ କାସିମ ପ୍ରମୁଖ ଅତିଥିଭାବେ ଯୋଗଦେଇ ଯୁବକଙ୍କୁ ଉତ୍ସାହିତ କରିଥିଲେ।

## ପୋଷଣ ଦିବସ ପାଳିତ

ବୋଲଗଡ଼,୪।୯(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ମହିଳା ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ସଂପୁର ଅଙ୍ଗନୱାଡି କେନ୍ଦ୍ର, ହରିରାଜପୁର ଅଙ୍ଗନୱାଡି କେନ୍ଦ୍ର ଓ ଛୋଟରାପୁର ଅଙ୍ଗନୱାଡି କେନ୍ଦ୍ରର ମିଳିତ ପ୍ରଚେଷ୍ଟାରେ ଶନିବାର ହରିରାଜପୁର ପ୍ରାଥମିକ ବିଦ୍ୟାଳୟଠାରେ ପୋଷଣ ଦିବସ ପାଳିତ ହୋଇଯାଇଛି। ପୁଷ୍ଟିହୀନତା ଅଭାବରୁ ରୋଗରୁ ରକ୍ଷା ପାଇବା ପାଇଁ ସଚେତନତା ହିଁ ଏହି ପୋଷଣ ଦିବସର ଉଦ୍ଦେଶ୍ୟ। ଗର୍ଭବତୀ, ପ୍ରସୂତି, କିଶୋରୀ ବାଳିକା, ୫ବର୍ଷର ଶିଶୁଙ୍କ ମା'ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରକାର ଫଳ, ପନିପରିବା, ପିଠା, ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯାଇ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ମମତା ବେହେରା, ସୁଚିତ୍ରା ରାଉତରାୟ, ନିରୁପମା ସାହୁ, ବିଦ୍ୟାଳୟର (ମୋ ସ୍କୁଲ) ସଭାପତି ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଆଶାକର୍ମୀ ପ୍ରତିମା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନନ୍ଦନକାନନ ପାଚେରି ଭାଙ୍ଗି ପଶିଲା ହାତୀ

ବାରଙ୍ଗ,୪।୯(ଡି.ଏନ୍.ଏ.)

ଚନ୍ଦକା ଜଙ୍ଗଲରୁ ଶୁକ୍ରବାର ରାତିରେ ଏକ ହାତୀ ଖାଦ୍ୟ ଅନ୍ୱେଷଣରେ ନନ୍ଦନକାନନ ପଛପଟ ସୁରକ୍ଷା ପାଚେରି ଭାଙ୍ଗି ପଶିଯାଇଥିବା ଜଣାପଡ଼ିଛି। ନନ୍ଦନକାନନ ପରିସରରେ ଏଣେତେଣେ ବୁଲିବା ସହିତ ହାତୀ ସଫାରିର ମୁଖ୍ୟ ଫାଟକ ବନ୍ଦ ଥିବାରୁ ଧକ୍କା ମାରିବାରୁ ଭାଙ୍ଗି ଯାଇଥିଲା। ତେବେ ହାତୀ ସଫାରିରେ ରହିଥିବା ବାସନ୍ତୀ, ପ୍ରେମା ଓ ହୀରାଙ୍କର କୌଣସି କ୍ଷତି କରିନାହିଁ। ବନ୍ଧା ହୋଇ ରହୁଥିବା ଏହି ହାତୀମାନେ ଜଙ୍ଗଲୀ ହାତୀ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି। ସକାଳ ହୋଇଯିବାରୁ ନନ୍ଦନକାନନର ହମିରାଟାଙ୍ଗିରେ ହାତୀଟି ରହିଛି। ଏନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଏସିଏଫ୍ ଅମୂଲ୍ୟ କୁମାର ପରିଡାଙ୍କ ନେତୃତ୍ୱରେ ଏକ ଟିମ୍ ହମିରାଟାଙ୍ଗୀ ଯାଇ ହାତୀକୁ ଠାବ କରିବା ସହ ସୁରକ୍ଷା ପାଚେରି ଭାଙ୍ଗିଥିବା ସ୍ଥାନ ଅନୁଧ୍ୟାନ କରିଥିଲେ। ହାତୀଟି କିପରି ସୁରକ୍ଷିତ ଭାବେ ଚନ୍ଦକା ଜଙ୍ଗଲକୁ ଯିବ ସେ ନେଇ ଏହି ଟମ୍ ସଜାଗ ରହିଥିବା ଜଣାପଡିଛି।

# ରାସ୍ତାରେ ଖାଲ, ନର୍ଦ୍ଦମା ପାଣି

ଜଟଣୀ, ୪।୯(ଡି.ଏନ୍.ଏ.)



ରାସ୍ତାରେ ଜମି ରହିଥିବା ପାଣି।

ସରକାର ଜନସାଧାରଣଙ୍କ ଯାତାୟାତର ସୁବିଧା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳରେ ଯାତାୟାତ ପାଇଁ ଭଲ ରାସ୍ତା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପୌରାଞ୍ଚଳର ୧୨ନମ୍ବର ୱାର୍ଡରେ ସ୍ଥାନୀୟ ହରିଭାଇନା ଛକଠାରୁ ଗୋଡ଼ାଧର୍ମସାଗର କଲୋନୀକୁ ଯିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ଯୋଗୁ ଠିକ୍‌ରେ ପାଣି ନିଷ୍କାସନ ହୋଇପାରୁ ନାହିଁ। ବର୍ଷା ପାଣି ଏବଂ ବିଭିନ୍ନ ସାହି, ବସ୍ତିରୁ ବାହାରୁଥିବା ନର୍ଦ୍ଦମା ପାଣି ଏହି ରାସ୍ତାରେ ଜମିବା ସହ ଲହଡ଼ି ମାରୁଛି। ଯାନବାହନ ଚଳାଚଳ ବ୍ୟାହତ ହେବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏଥିସହ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ରାସ୍ତାରେ ମଇଳା ପାଣି ଜମି ରହିବାରୁ ମଶା ଓ ମାଛିଙ୍କ ବଂଶ ବୃଦ୍ଧି ପାଉଛି। ଫଳରେ ସ୍ଥାନୀୟ ଲୋକେ ଡେଙ୍ଗୁ, ମ୍ୟାଲେରିଆ ସହିତ ବିଭିନ୍ନ ଚର୍ମ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଅନ୍ୟପଟେ ବଡ଼ ବଡ଼ ଖାଲରେ ସ୍ଥାନୀୟ ଲୋକେ ନିଜେ ମୋରମ କିଣି ରାସ୍ତାରେ ପକାଇବା ସହ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ପୌରାଞ୍ଚଳର ସୌନ୍ଦର୍ଯ୍ୟକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଲୋକମାନେ ମୌଳିକ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ରାସ୍ତା ମରାମତି ସହ ବର୍ଷା ଜଳ ନିଷ୍କାସନ ପାଇଁ ବିଭାଗୀୟ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପଟେ ଏ ସମ୍ପର୍କରେ ଜଟଣୀ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ ମହାନ୍ତି କହିଛନ୍ତି, ଜଟଣୀରେ ବିଭିନ୍ନ ସ୍ଥାନରେ ଉନ୍ନୟନ କାର୍ଯ୍ୟ ଜାରି ରହିଛି। ଅଭିଯୋଗ ଆସୁଥିବା ରାସ୍ତାର ତଦାରଖ ସହ ମରାମତି କରାଯାଉଛି ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଶିଷ



@ ଅରବିନ୍ଦ



@ ହାପିନ୍



@ ବିକ୍ରମ



@ ଜୀବନ



@ ସରୋଜ



@ ସାଗର

## ୧୨କେଜି ଗଞ୍ଜେଇ ଜବତ, ଯୁବକ ଗିରଫ

ଜଟଣୀ, ୪।୯(ଡି.ଏନ୍.ଏ.)

ଖୋର୍ଦ୍ଧାରୋଡ ରେଳ ଷ୍ଟେଶନରେ ଗଞ୍ଜେଇ ଚାଲାଣ ନିମନ୍ତେ ଅପେକ୍ଷା କରିଥିବା ଜଣେ ଯୁବକଙ୍କୁ ଶନିବାର ଜିଆରପି ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ହରିୟାଣା ଫରିଦାବାଦ ଅଞ୍ଚଳର ମୋହିତ(୧୯)। ତାଙ୍କ ନିକଟରୁ ୧୨ କେଜି ୪୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ସୂଚନା ମୁତାବକ, ମୋହିତ ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳରୁ ବସ୍‌ଯୋଗେ ଗଞ୍ଜେଇ ଆଣି ଦିଲ୍ଲୀ ଯିବା ପାଇଁ ଖୋର୍ଦ୍ଧା ରୋଡ ଷ୍ଟେଶନରେ ପୁରୁଷୋତ୍ତମ ଟ୍ରେନକୁ ଅପେକ୍ଷା କରିଥିଲେ। ଜିଆରପି ଓ ଆରପିଏଫ ପୋଲିସର ସନ୍ଦେହ ହେବାରୁ ମୋହିତଙ୍କୁ ଧରି ପଚରାଉଚରା କରିଥିଲେ। ପରେ ତାଙ୍କ ନିକଟରୁ ଗଞ୍ଜେଇ ଜବତ କରାଯାଇଥିଲା।

## ଶିକ୍ଷକଙ୍କୁ ମାଡ଼ ମାରିଲେ ଶିକ୍ଷକ

ନିରାକାରପୁର,୪।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଏକାଡେମୀ ସ୍କୁଲରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍କୁଲ ପରିସରରେ ଜଣେ ଶିକ୍ଷକ ଅନ୍ୟ ଜଣେ ଶିକ୍ଷକଙ୍କୁ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ମାଡ଼ ମାରିଥିବା ଶିକ୍ଷକଙ୍କ ପୂର୍ବରୁ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ସମୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସହଯୋଗ କରି ସ୍କୁଲର ଜଣେ ଶିକ୍ଷକ ପୋଲିସରେ କହିଥିବା ନେଇ ମାଡ଼ ମାରିଥିବା ଶିକ୍ଷକ ସନ୍ଦେହ କରିଥିଲେ। ବିନା କାରଣରେ ଶନିବାର ସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କ ଆଗରେ ଗାଳିଗୁଲଜ କରିବା ସହ ତାଙ୍କୁ ମାଡ଼ ମାରିଥିଲେ ବୋଲି ମାଡ଼ ଖାଇଥିବା ଶିକ୍ଷକ କହିଛନ୍ତି। ଏନେଇ ସେ ନିରାକାରପୁର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ମାଡ଼ ମାରିଥିବା ଶିକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି, ଏନେଇ ଥାନାରେ ଅଭିଯୋଗ ହୋଇଛି। ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି, ଅଭିଯୋଗ କରିବା ପରେ ପୁଣି ଅଭିଯୋଗକାରୀ ଶିକ୍ଷକ ଅଭିଯୋଗକୁ ଦୁଇଦିନ ସ୍ଥଗିତ ରଖାଯାଉ ବୋଲି ଲିଖିତ ଆକାରରେ ଦେଇଛନ୍ତି। ଏହି ଘଟଣାର ସମାଧାନ ନ ହେଲେ ମାମଲା ରୁଜୁ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୪।୦୯।୨୦୨୧

| | |
|---|---|
| ୧,୪୨,୩୧୫ ଟଙ୍କା | |
| ସୁନା | ୧୨.୪୯୦ ଗ୍ରାମ |
| ରୁପା | ୧୮ ଗ୍ରାମ |

## ସଂକ୍ଷେପରେ

### ୮ କେଜି ଗଞ୍ଜେଇ ଜବତ, ୨ ଗିରଫ

ପୁରୀ ଅଫିସ, ୪।୯ -ଟ୍ରେନ୍ ଯୋଗେ ଗଞ୍ଜେଇ ଚାଲାଣ କରିବା ଅଭିଯୋଗରେ ରେଲଓ୍ୱେ ପୋଲିସ ଶନିବାର ୨ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ସାକ୍ଷୀଗୋପାଳର ଚିତ୍ତରଞ୍ଜନ ପ୍ରଧାନ ଏବଂ ଅଜୟ କୁମାର ନାୟକ। ପୋଲିସ ସେମାନଙ୍କଠାରୁ ୭.୮ କିଲୋ ଓଜନର ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୭୮ ହଜାର ହେବ ବୋଲି ରେଲଓ୍ୱେ ପୋଲିସ ସୂଚନା ଦେଇଛନ୍ତି। ଏ ନେଇ ନଂ.୬୨/୨୧ରେ ଏକ ମାମଲା ରୁଜୁ କରିଛି। ରେଲଓ୍ୱେ ପୋଲିସ ଅଧିକାରୀ ଅନିଲ କୁମାର ସିଂହଙ୍କ ସୂଚନା ଅନୁଯାୟୀ, ପୁରୁଷୋତ୍ତମ ଏକ୍ସପ୍ରେସରେ ଏଏସ୍‌ଆଇ ଜେ. ଏମ ସୁନ୍ଦରାୟ ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ଡ୍ୟୁଟି କରୁଥିବା ସମୟରେ କୋଚ୍ ନଂ ଏସ୍ ୬ର ସିଟ୍ ନଂ ୬୫ରେ ଦୁଇଜଣ ଯୁବକ ସନ୍ଦେହ ଭାବେ ବସିଥିବା ଦେଖିଲେ। ରେଲଓ୍ୱେ ପୋଲିସ ସେମାନଙ୍କୁ ପଚରାଉଚରା କରି ତାଙ୍କ ବ୍ୟାଗ ଓ ଟିକେଟ ଯାଞ୍ଚ କରିଥିଲେ। ସେମାନଙ୍କ ପାଖରେ ଟିକେଟ ନ ଥିବା ସହ ବ୍ୟାଗରୁ ଗଞ୍ଜେଇ ଥିବା ଜାଣି ଅଟକ ରଖିଥିଲେ। ପରେ ସେମାନଙ୍କୁ ରେଲଓ୍ୱେ ପୋଲିସ ଭୁବନେଶ୍ୱର ରେଲଓ୍ୱେ ପୋଲିସ ଥାନାକୁ ନେବା ସହ ଶନିବାର କୋର୍ଟ ଚାଲାଣ କରିଛି।

### ଏନ୍‌ସିଡି ଟିମ୍ ପକ୍ଷରୁ କଏଦୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ପୁରୀ ଅଫିସ, ୪।୯- ପୁରୀ ଜିଲା ମୁଖ୍ୟ କାରାଗାରରେ ଏନ୍‌ସିଡି ଟିମ ପକ୍ଷରୁ ଶନିବାର ବିଚାରାଧୀନ କଏଦୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ପୁରୀ - କୋଣାର୍କ ମାର୍ଗରେ ଥିବା ବର୍ଗଂରସ୍ଥିତ ଜିଲା ମୁଖ୍ୟ କାରଗାରରେ ଥିବା ବିଚାରାଧୀନ କଏଦୀମାନଙ୍କର ଅଣସଂକ୍ରମଣ ରୋଗ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଥିଲା। ୧୦୦ଜଣ ଅନ୍ତେବାସୀଙ୍କୁ କମିଟି ପକ୍ଷରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯିବା ସହ ଔଷଧ ବିତରଣ କରାଯାଇଥିଲା। ବିଶେଷ କରି ଅଣସଂକ୍ରମଣ ରୋଗ, ମଧୁମେହ, ମାନସିକ ଅବସ୍ଥା, ବ୍ଲଡ ପ୍ରେସର ଏବଂ ଫିଜିଓଥେରାପି ଭଳି ସେବା ଅନ୍ତେବାସୀମାନଙ୍କୁ ଯୋଗାଇ ଦିଆଯାଇଥିଲା। ଡ. ଅପର୍ଣ୍ଣା ମହାନ୍ତି, ଡ. ସିଦ୍ଧାର୍ଥ ଶେଖର ପାତ୍ର, ଡ. ଲକ୍ଷ୍ମୀଧର ଦାସ ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ।

### ଶ୍ରୀମନ୍ଦିରର ୧୨ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ପୁରୀ ଅଫିସ,୪।୯- ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟରେ କାର୍ଯ୍ୟ କରିଥିବା କର୍ମଚାରୀମାନଙ୍କୁ ଶନିବାର କାର୍ଯ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏ ନେଇ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ କାର୍ଯ୍ୟ କରି ୨୦୨୧ ଜାନୁୟାରୀଠାରୁ ଅଗଷ୍ଟ ସୁଦ୍ଧା ଅବସର ନେଇଥିବା ୧୨ଜଣ କର୍ମଚାରୀଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର କର୍ମଚାରୀ ସଂଘ ତରଫରୁ ପୁଷ୍ପଗୁଚ୍ଛ, ମାନପତ୍ର ଏବଂ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦାୟ ନେଇଥିବା କର୍ମଚାରୀ ହେଲେ ଅନୀଲ ପାତ୍ର, ଦ୍ୱିଜବର ମହାପାତ୍ର, ରାମଚନ୍ଦ୍ର ସାହୁ, ଯୁଗଳକିଶୋର ନନ୍ଦ, ବୀରେନ୍ଦ୍ର ନାରାୟଣ ଗୋଛିକାର, ରବି ବାହାଦୁର ଲାମା, କ୍ରିଷ୍ଣା ବାହାଦୁର ଥାପା, ହରମୋହନ ମହାନ୍ତି, ଭରତ ବାହାଦୂରଆଚ୍ଛାମି, ଧନ ବାହାଦୂର ଥାପା, ସତ୍ୟନାରାୟଣ ଶତପଥୀ ଏବଂ ବାସୁଦେବ ପ୍ରଧାନ। ସମ୍ବର୍ଦ୍ଧନା ବୈଠକରେ ଶ୍ରୀମନ୍ଦିର ପ୍ରଶାସନର ଉନ୍ନୟନ ପ୍ରଶାସକ ଅଜୟ ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ସୁରକ୍ଷା ପ୍ରଶାସକ ସ୍ୱପ୍ନ ରଞ୍ଜନ ମହାପାତ୍ର, ରାଜସ୍ୱ ଉପପ୍ରଶାସକ ସୁବ୍ରତ ବେହେରା, ସ୍ୱତନ୍ତ୍ର ପଦାଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଆଶିଷ ସୁବୁଦ୍ଧି ଏବଂ ଶ୍ରୀମନ୍ଦିର କର୍ମଚାରୀ ସଂଘ ସଭାପତି ବିଭୁପ୍ରସାଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ଶ୍ରୀମନ୍ଦିର କର୍ମଚାରୀ ସଂଘ ସମ୍ପାଦକ ସୁଦର୍ଶନ ସାହୁ, ଶ୍ରୀମନ୍ଦିର ସୁପରଭାଇଜର ବଳ୍ପି ରାମଚନ୍ଦ୍ର ପ୍ରତିହାରୀ, ଡେପୁଟି କମାଣ୍ଡର ସୁଧାଂଶୁ ଶେଖର ପଟ୍ଟନାୟକ ଏବଂ ଜିତେନ୍ଦ୍ର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ପ୍ଲଟ୍ ବଣ୍ଟନରେ ଦୁର୍ନୀତି

କୋଣାର୍କ,୪।୯(ଡି.ଏନ୍.ଏ.)

**ଏନ୍‌ଏସି କାର୍ଯ୍ୟାଳୟ ଆଗରେ ବ୍ୟବସାୟୀଙ୍କ ଗଣଧାରଣା**




କୋଣାର୍କ ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କରିବା ନେଇ ସରକାର ପକ୍ଷରୁ ସ୍ଥାନୀୟ ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ସ୍ଥାନାନ୍ତର କରି ପ୍ଲଟ ବଣ୍ଟନ କରାଯାଇଛି। ହେଲେ ଏହି ବଣ୍ଟନରେ ଦୁର୍ନୀତି ହୋଇଥିବା ନେଇ ଶନିବାର ଅସନ୍ତୁଷ୍ଟ ହସ୍ତଶିଳ୍ପ ବ୍ୟବସାୟୀ ସଂଘ ପକ୍ଷରୁ କୋଣାର୍କ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ସଂଘ ସଭାପତି ଭରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ପ୍ରଥମେ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିବା ପରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। କୋଣାର୍କ ସୌନ୍ଦର୍ଯ୍ୟକରଣ ଯୋଜନାରେ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇ ଥଇଥାନ ନିମନ୍ତେ ଅନ୍ୟତ୍ର ପ୍ଲଟିଂ କରି ଦୋକାନ ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୦୩ ମସିହାରେ କୋଣାର୍କ ଏନ୍‌ଏସି ଓ ରାଜସ୍ୱ ବିଭାଗ ମିଳିତ ସର୍ଭେ ପରେ ୧୬୪ଜଣ ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ଥଇଥାନ କରାଯାଇଥିଲା। ବର୍ତ୍ତମାନ ହସ୍ତଶିଳ୍ପ ବ୍ୟବସାୟୀ ତାଲିକାରେ ଚଞ୍ଚକତା କରାଯାଇ ୧୬୪ଜଣଙ୍କ ବଦଳରେ ୨୨୩ଜଣଙ୍କ ନାମ ରହିଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ତାଲିକାକୁ ଚଞ୍ଚକତା କରି କୋଣାର୍କ ବାହାର ଅଞ୍ଚଳର ଅଣବ୍ୟବସାୟୀ ଓ ସମ୍ପର୍କୀୟଙ୍କ ନାମରେ ଏକାଧିକ ପ୍ଲଟ ରହିଥିବା ଅସନ୍ତୁଷ୍ଟ ସଂଘ ଅଭିଯୋଗ କରିଛି। ଏହି ତାଲିକାରୁ ୧୧ଜଣ ବ୍ୟବସାୟୀ ବାଦ୍ ପଡିଛନ୍ତି। ସ୍ୱତନ୍ତ୍ର ଲଟେରି ମାଧ୍ୟମରେ ୧୬୪ମୂଳ ବ୍ୟବସାୟୀଙ୍କୁ ଥଇଥାନ କରାଯାଇ ଅଣବ୍ୟବସାୟୀଙ୍କୁ ପ୍ଲଟରୁ ବାଦ ଦେବା ପାଇଁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବ, ୫-ଟି ସଚିବ, ରାଜ୍ୟ ଭିଜିଲାନ୍ସ ମହାନିର୍ଦ୍ଦେଶକ, ଉନ୍ନୟନ ନିଗମ, ଜିଲାପାଳଙ୍କ ଉଦ୍ଦେଶ୍ୟରେ କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଧାରଣାରେ ପୂର୍ବତନ କାଉନସିଲର ସୁକାନ୍ତ ମହାନ୍ତି, ରଂଜିତ ରାଉତରାୟ, ବିଜୟ ନନ୍ଦୀ, ସ୍ୱାଧୀନ ନାୟକ, ଉପେନ୍ଦ୍ର କାଣ୍ଡି, ରବୀନ୍ଦ୍ର ବେହେରା, ଭାସ୍କର ବେହେରା ଉପସ୍ଥିତ ଥିଲେ।




ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ଜିତିଥିବା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କୁ ଶନିବାର ବାଲୁକାକଳା ମାଧ୍ୟମରେ ଶୁଭେଚ୍ଛା ଜଣାଉଛନ୍ତି ।

## 'ସମସ୍ତ ଅଭିଯୋଗକୁ ଗୁରୁତ୍ୱ ଦିଆଯିବ'

ଗୋପ,୪।୯(ଡି.ଏନ୍.ଏ.)

ଥାନାକୁ ଆସୁଥିବା ଅଭିଯୋଗକାରୀମାନେ ନିଶ୍ଚିତ ଭାବେ ଉଚିତ୍ ନ୍ୟାୟ ପାଇବେ। କାରଣ ଯେକେହି ଅଭିଯୋଗ କରିବାକୁ ଆସେ ସେ ଏଠାରୁ ନ୍ୟାୟ ମିଳିବ ଭରସାରେ ଆସିଥାଏ। ତେଣୁ ସେମାନଙ୍କ ଭରସାକୁ ପ୍ରାଥମିକତା ଦିଆଯିବ ବୋଲି ଗୋପ ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନାଧିକାରୀ କାଳନ୍ଦୀ ବେହେରା କହିଛନ୍ତି। ଆହୁରି ସେ କହିଛନ୍ତି, ସରକାରୀ ବିଧି ବ୍ୟବସ୍ଥା ମୁତାବକ ସମସ୍ତ ଅଭିଯୋଗକୁ ତଦନ୍ତ କରି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ଗୋପ ଥାନାର ତତ୍କାଳୀନ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ଗୋପ ଅଞ୍ଚଳର ଜଣେ ଖବରଦାତାଙ୍କୁ ଗାଳିଗୁଲଜ କରି ବିବାଦକୁ ଆସିଥିଲେ। ଏହାକୁ ନେଇ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଗୋପ ଥାନା ସମ୍ମୁଖରେ ଶତାଧିକ ଗଣମାଧ୍ୟମ ପ୍ରତିନିଧି ଧାରଣା ଦେଇ ଥାନାଧିକାରୀଙ୍କ ବଦଳି ଦାବି କରିଥିଲେ। ପରେ ସଂଘ ପକ୍ଷରୁ ଏକ ଟିମ ପୁରୀ ଏସ୍‌ପିଙ୍କୁ ଭେଟିବା ପରେ ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ଅନୁସାରେ ତାଙ୍କୁ ଯାଜପୁର ଜିଲାକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ କେନ୍ଦ୍ରାପଡ଼ା ଜିଲାରୁ ପୁରୀ ଜିଲାକୁ ବଦଳି ହୋଇ ଆସିଥିବା କାଳନ୍ଦୀ ବେହେରାଙ୍କୁ ଗୋପ ଥାନାରେ ଅବସ୍ଥାପିତ କରାଯାଇଛି। ଉତ୍କଳ ସାମ୍ବାଦିକ ସଂଘ ଓ ଗୋପ ସାମ୍ବାଦିକ ସଂଘର ଦାବିକୁ ଗ୍ରହଣ କରି ଏସ୍‌ପି ଏପରି କାର୍ଯ୍ୟାନୁଷ୍ଠାନ ନେଇଥିବାରୁ ୨ଟି ସଂଘ ପକ୍ଷରୁ ଏସ୍‌ପି କନଓ୍ୱର ବିଶାଲ ସିଂଙ୍କୁ ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## 'ଓଡ଼ିଶାରେ ପଛୁଆ ବର୍ଗଙ୍କୁ ଅଣଦେଖା କରାଯାଉଛି'

ପୁରୀ ଅଫିସ,୪।୯

**ଜାତୀୟ ଓବିସି କମିଶନର ସଦସ୍ୟଙ୍କ ସମୀକ୍ଷା ବୈଠକ**

ଓଡ଼ିଶାରେ ପଛୁଆ ବର୍ଗ ଲୋକ ଓ ଛାତ୍ରୀଛାତ୍ରମାନଙ୍କୁ ଅଣଦେଖା କରାଯାଉଛି। ପଛୁଆ ବର୍ଗର ଲୋକମାନେ କିପରି ଆଗକୁ ବଢ଼ିବେ ଏଥିନିମନ୍ତେ ଫେବୃୟାରୀ ୨୦୨୦ରେ କମିଶନରଙ୍କ ନେତୃତ୍ୱରେ ଆଲୋଚନା କରାଯାଇଥିଲା। ସେହି ଆଲୋଚନାରେ ୨୭ ପ୍ରତିଶତ ପଛୁଆ ବର୍ଗଙ୍କ ଲୋକଙ୍କ ନିମନ୍ତେ ଚାକିରି ଓ ମାଗଣା ଶିକ୍ଷା ପ୍ରଦାନ କରିବା ନିମନ୍ତେ ଆହ୍ୱାନ ଦିଆଯାଇଥିଲା। କିନ୍ତୁ ଓଡିଶା ସରକାର ଏ ଦିଗରେ ଫେଲ୍ ମାରିଛନ୍ତି ବୋଲି ଜାତୀୟ ଓବିସି କମିଶନର ସଦସ୍ୟ କୌଶଲ୍ୟ ସିଂ ପଟେଲ ଶନିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ଅବସରରେ ଓବିସି ସଂରକ୍ଷଣ ଉପରେ ମଧ ଆଲୋକପାତ କରିଥିଲେ। ସରକାରଙ୍କ ସମସ୍ତ ଯୋଜନାରେ ପଛୁଆ ବର୍ଗ ଲୋକମାନଙ୍କୁ ସାମିଲ କରାଯିବା ସହ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଆଗକୁ ବଢ଼ାଇବା ପାଇଁ ସଦସ୍ୟ ପଟେଲ କହିଛନ୍ତି। ସୂଚନାଯୋଗ୍ୟ, ଓବିସି କମିଶନର ସଦସ୍ୟ ପଟେଲ ଶୁକ୍ରବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ହେଲେ ଶନିବାର ସର୍କିଟ ହାଉସ ପରିସରରେ ତାଙ୍କ ନେତୃତ୍ୱରେ ସରକାରୀ ସ୍ତରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ, ପୁରୀ ତହସିଲଦାର, ସରକାରୀ କର୍ମଚାରୀ ଏବଂ ବିଭିନ୍ନ ବ୍ୟାଙ୍କର ମ୍ୟାନେଜରମାନେ ଉପସ୍ଥିତ ଥିଲେ। ତହସିଲଦାରଙ୍କଠାରୁ କିଭଳି ଠିକ ରୂପେ ଲୋକମାନଙ୍କୁ ଓବିସି ପ୍ରମାଣପତ୍ର ଶୀଘ୍ର ଏବଂ ସହଜରେ ମିଳୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ବ୍ୟାଙ୍କ ମ୍ୟାନେଜରମାନେ କେତେଜଣ ଓବିସି ଛାତ୍ରୀଛାତ୍ରଙ୍କୁ ଋଣ ଦେଇଛନ୍ତି ସେନେଇ ସମୀକ୍ଷା କରିଥିଲେ। ଏହି ଅବସରରେ ଓବିସି ଉପରେ ୨୭% ସଂରକ୍ଷଣ ନେଇ ଆଲୋଚନା କରିଥିଲେ। ପରେ ସଦସ୍ୟ ପଟେଲ ଖବରଦାତା ସମ୍ମିଳନୀରେ ଓବିସିମାନଙ୍କ ପାଇଁ କରାଯାଉଥିବା ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମିଳନୀରେ ପୁରୀ ଜିଲା ଭାଜପା ଓବିସି ମୋର୍ଚ୍ଚା ସଭାପତି ଦେବପ୍ରସାଦ ସ୍ୱାଇଁ ଏବଂ ପୁରୀ ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳଙ୍କୁ ବଳିଆପଣ୍ଡା ବସ୍ତିବାସିନ୍ଦାଙ୍କ ପକ୍ଷରୁ ଦାବିପତ୍ର

ପୁରୀ ଅଫିସ,୪।୯

ବଳିଆପଣ୍ଡା ବସ୍ତିରେ ରହୁଥିବା ଦୁଇଜଣ ବ୍ୟକ୍ତି ବସ୍ତି ଅଞ୍ଚଳରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ କରି ଶନିବାର ବସ୍ତିବାସିନ୍ଦା ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବଳିଆପଣ୍ଡା ଅଞ୍ଚଳର ପୂର୍ବତନ ପୌର ସଦସ୍ୟ ଜଗନ୍ନେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ବଳିଆପଣ୍ଡା ବସ୍ତି ଅଞ୍ଚଳ ଶତାଧିକ ମହିଳା ଏବଂ ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବସ୍ତିର ୨ଜଣ ଅସାମାଜିକ ବ୍ୟକ୍ତି ବସ୍ତି ଅଞ୍ଚଳର ହେଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ସେମାନେ ନିଶାସକ୍ତ ବ୍ୟକ୍ତିଙ୍କ ସହ ମିଶି ଅଞ୍ଚଳରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ସରକାରୀ ଅଫିସରମାନେ ଉକ୍ତ ଅଞ୍ଚଳରେ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ଆସିଲେ ସେମାନଙ୍କୁ ଅପମାନିତ କରି ଘଉଡାଇ ଦେଉଛନ୍ତି। ଫଳରେ ବସ୍ତିବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛିଦିନ ତଳେ ନକଲି ଆଧାରକାର୍ଡ ଏବଂ ପରିଚୟପତ୍ର ତିଆରି କରିବା ଅଭିଯୋଗରେ ପୋଲିସ ଉକ୍ତ ଦୁଇ ଜଣଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କୁ ଛାଡ଼ି ଦେଇଥିଲେ। ପୋଲିସ କେଉଁ ଉଦ୍ଦେଶ୍ୟରେ ସେମାନଙ୍କୁ ଛାଡ଼ିଲେ ତାହାର ତଦନ୍ତ କରାଯାଉ ବୋଲି ବାସିନ୍ଦାମାନେ ଦାବି କରିଛନ୍ତି।

## ଜିଲାପାଳଙ୍କ ଦ୍ୱାରା କିନ୍ନରଙ୍କୁ ରାଶନ ସାମଗ୍ରୀ ବଣ୍ଟନ

ପୁରୀ ଅଫିସ,୪।୯

ପୁରୀର ସାମାଜିକ ଅନୁଷ୍ଠାନ ସାଥୀ ପକ୍ଷରୁ ଶନିବାର କିନ୍ନରମାନଙ୍କୁ କୋଭିଡ କିଟ୍ ସହ ରାଶନ ସାମଗ୍ରୀ ପ୍ରଦାନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ସମର୍ଥ ବର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ କିନ୍ନର ମାନଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରିଥିଲେ। ୫୦ରୁ ଊର୍ଦ୍ଧ୍ୱ କିନ୍ନରଙ୍କ ନିମନ୍ତେ ସାଥୀ ଅନୁଷ୍ଠାନ ପକ୍ଷରୁ ଚାଉଳ, ଡାଲି, ତେଲ, ଆଳୁ ପିଆଜ ଆଦି ରାଶନ ସାମଗ୍ରୀ ସହ ମାସ୍କ ଓ ହ୍ୟାଣ୍ଡ ସାନିଟାଇଜର ପ୍ରଦାନ କରାଯାଇଥିଲା। ତେବେ ଅନୁଷ୍ଠାନ ସାଥୀର ଏଭଳି କାର୍ଯ୍ୟକୁ କିନ୍ନର ସଂଘ ସ୍ୱାଗତ କରିଛି।

# ୪ ଦଫା ଦାବି ନେଇ ଗାଁ ସାଥୀ ପକ୍ଷରୁ ଦାବିପତ୍ର

ପୁରୀ ଅଫିସ, ୪।୯

ସରକାରଙ୍କ ପକ୍ଷରୁ ନିଯୁକ୍ତି ପାଇଥିବା ଗାଁ ସାଥୀମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଏବଂ ସୁବିଧା ସୁଯୋଗ ପ୍ରଦାନ କରିବା ଦାବି ନେଇ ଗାଁ ସାଥୀ ସଂଘ ସମିତି କ୍ରିୟାନୁଷ୍ଠାନ କମିଟି ପୁରୀ ଶାଖା ପକ୍ଷରୁ ଶନିବାର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ଅଧିକରୀଙ୍କୁ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଗାଁ ସାଥୀଙ୍କ ଅଭିଯୋଗ ଅନୁଯାୟୀ, ୨୦୦୮ରେ ରାଜ୍ୟ ସରକାର ମାର୍କ ବେସିସ ମାଧ୍ୟମରେ ଗାଁ ସାଥୀଙ୍କୁ ନିଯୁକ୍ତି ଦେଇଥିଲେ। ତେବେ ରାଜ୍ୟରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଗତ ୧୩ବର୍ଷ ଧରି କାର୍ଯ୍ୟରତ ଗାଁ ସାଥୀମାନଙ୍କର କ୍ଷତି ହେଉଛି। ସରକାର ନିୟମ ଅନୁଯାୟୀ ଗାଁ ସାଥୀମାନଙ୍କୁ ସେଭଳି ସୁବିଧା ସୁଯୋଗ ଯୋଗାଇ ଦେଉନାହାନ୍ତି। ମାସକୁ ୧୦ ଦିନ ହିସାବରେ ବର୍ଷକୁ ୧୦୦ ଦିନର କାର୍ଯ୍ୟ ଯୋଗାଇଦେବାକୁ ଯୋଜନା ଥିବାବେଳେ ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସେହିପରି ରାଜ୍ୟ ପଞ୍ଚାୟତିରାଜ ବିଭାଗ ଓ ରାଜ୍ୟ ମିଶନ ଶକ୍ତି ବିଭାଗ ପକ୍ଷରୁ ୩ଟି ଚିଠି କରାଯାଇଛି। ଯେଉଁଥିରେ ଗାଁ ସାଥୀମାନଙ୍କ କାର୍ଯ୍ୟକୁ ଏସ୍‌ଏଚ୍‌ଜି ସଂଗଠନକୁ ଦେବା ପାଇଁ ନିଷ୍ପତ୍ତି ହୋଇଛି। ଏହାଯୋଗୁ ଦୀର୍ଘ ଦିନଧରି କାର୍ଯ୍ୟ କରି ଆସୁଥିବା ଗାଁ ସାଥୀମାନେ କ୍ଷତିଗ୍ରସ୍ତ ହେବେ। ତେଣୁ ଗାଁ ସାଥୀଙ୍କ ସାର୍ଥକୁ ଦୃଷ୍ଟିରେ ରଖି ସରକାର ଉକ୍ତ ତିନିଗୋଟି ଚିଠିକୁ ପ୍ରତ୍ୟାହାର କରାଯାଉ ବୋଲି ସଂଘ ଦାବି କରିଛି। ଏଥିସହ ସମସ୍ତ ଗାଁ ସାଥୀଙ୍କ ପାଇଁ ୨୦ହଜାରରୁ ଊର୍ଦ୍ଧ୍ୱ କୋଭିଡ୍ ସହାୟତା ରାଶି ପ୍ରଦାନ ଆଦି ୪ଦଫା ଦାବି ନେଇ ସଂଘ ଅଭିଯୋଗ କରିଛି। ସରକାର ଯଦି ଦାବିଗୁଡିକ ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ରାଜ୍ୟରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ସରକାରଙ୍କୁ ଅସହଯୋଗ କରାଯିବା ସହ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଂଘ ସୂଚନା ଦେଇଛି।



ଗାଁ ସାଥୀମାନେ ଶନିବାର ଜିଲାପାଳଙ୍କ ନିକଟକୁ ଦାବିପତ୍ର ଦେବାକୁ ଆସିଛନ୍ତି ।

## ବଡ଼ଠାକୁରଙ୍କ ପ୍ରଲମ୍ବାସୁର ବଧ ନୀତି ସମ୍ପନ୍ନ

ପୁରୀ ଅଫିସ,୪।୯



ଭାଦ୍ରବ କୃଷ୍ଣ ଦ୍ୱାଦଶୀ ତିଥି ଶନିବାର ଅବସରରେ ଶ୍ରୀମନ୍ଦିରରେ ବଡ଼ଠାକୁର ବଳଭଦ୍ର ପ୍ରଲମ୍ବାସୁର ବଧ ବେଶରେ ସୁସଜ୍ଜିତ ହେବା ସହ ପ୍ରଲମ୍ବାସୁର ବଧ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ବଡବାଡ଼ରେ ବଡ଼ଠାକୁର ପ୍ରଲମ୍ବାସୁର ବଧ ବେଶ ହୋଇଥିଲେ। ପ୍ରଲମ୍ବାସୁର କାନ୍ଧରେ ଶ୍ରୀବଳଭଦ୍ର ବସିଥିଲେ। ଗୋଟିଏ ଭୁଜ ପ୍ରଲମ୍ବାସୁରର କାନ୍ଧ ଓ ଅନ୍ୟଟି ବାହୁ ଉପରେ ରହିଥିଲା। ବାମ ହସ୍ତରେ ବଡ଼ଠାକୁର ଶୋଲ ନିର୍ମିତ ପଦ୍ମ ଓ ଦକ୍ଷିଣ ହସ୍ତରେ ଅମୃତ ଲଡୁ ଧାରଣ କରିଥିଲେ। ପ୍ରଲମ୍ବାସୁର ବଧ ବେଶରେ ଶ୍ରୀଜଗନ୍ନାଥ ଓ ସୁଭଦ୍ରା ସାଧାରଣ ବେଶରେ ବିରାଜମାନ କରିଥିଲେ। ଏକ ବିରାଟକାୟ କାଷ୍ଠ ନିର୍ମିତ ପ୍ରଲମ୍ବାସୁର ମୂର୍ତ୍ତି ରତ୍ନ ସିଂହାସନସ୍ଥ ବଳଭଦ୍ରଙ୍କ ନିମ୍ନଭାଗରେ ସଜାଯାଇଥିଲା। ସେ ଅସୁରର ସ୍କନ୍ଧ ଏବଂ ଦୁଇ ଭୁଜରେ ବଳଭଦ୍ର ବସିଥିବା ଭଳି ଦୃଶ୍ୟ ଏ ବେଶରୁ ସ୍ପଷ୍ଟ ହୁଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ଦଣ୍ଡାୟମାନ ଅବସ୍ଥାରେ ରହିବା ସହ ବାମହାତରେ ଅମୃତ ଲଡୁ ଓ ଦକ୍ଷିଣ ହସ୍ତରେ ସୁବର୍ଣ୍ଣ ପଦ୍ମ ଧାରଣ କରିଥିଲେ। ମାଦଳାପାଞ୍ଜି ଅନୁଯାୟୀ ଏହି ବେଶ ରାଜା ଭୋଜଙ୍କ ରାଜତ୍ୱ ସମୟରେ ଆରମ୍ଭ ହୋଇଥିଲା। ସନ୍ଧ୍ୟାଧୂପ ପରେ ରାମ, କୃଷ୍ଣ ଦକ୍ଷିଣଘରୁ ରତ୍ନବେଦିକୁ ବିଜେ ହୋଇଥିଲେ। ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ଅଣାଯାଇ ରାମ, କୃଷ୍ଣଙ୍କୁ ଲାଗି କରାଯାଇ ଜଗମୋହନରେ ପଡ଼ିଥିବା ଖଟକୁ ବିଜେ କରାଯାଇଥିଲା। ପରମ୍ପରା ଅନୁଯାୟୀ, ଦୋଳମଣ୍ଡପ ସାହିରୁ ପ୍ରଲମ୍ବାସୁର ବଧ ନୀତି ଆଗତ ହୋଇଥିଲା। ଦୋଳମଣ୍ଡପ ସାହିରୁ ବାହାରିଥିବା ପ୍ରଲମ୍ବାସୁର ବେଶଧାରୀ ଜଗମୋହନକୁ ଯାଇଥିଲେ। ସେଠାରେ ବଳରାମ ଓ କୃଷ୍ଣ ବେଶଧାରୀ ଦୁଇ ବାଳକ ପ୍ରଲମ୍ବାସୁର ସହ ଯୁଦ୍ଧ କରିଥିଲେ। ବଳରାମ ପ୍ରଲମ୍ବାସୁରଙ୍କ କାନ୍ଧରେ ବସି ବୁଲିଥିଲେ। ଏହି ସମୟରେ ବଳରାମ ତାଙ୍କ ମାୟା ଜାଣି ପାରି ମୁଷ୍ଟି ପ୍ରହାର ଦ୍ୱାରା ବଧ କରିଥିଲେ। ଏଭଳି ଭାବେ ପ୍ରଲମ୍ବାସୁର ବଧ ଲୀଳା ସମ୍ପନ୍ନ ହୋଇଥିଲା। ପ୍ରଲମ୍ବାସୁର ଆଖ୍ୟାୟିକା ସମ୍ପର୍କରେ ଶ୍ରୀମଦଭାଗବତର ଦଶମ ସ୍କନ୍ଧରେ ବିସ୍ତୃତ ବର୍ଣ୍ଣନା ରହିଅଛି। ସେହି ଘଟଣାର ସ୍ମାରକୀକୁ ଅବଲମ୍ବନ କରି ଶ୍ରୀମନ୍ଦିରରେ ପ୍ରଲମ୍ବାସୁର ବଧ ବେଶ ଅନୁଷ୍ଠିତ ହେଉଥିବା ଯୁବ ଗବେଷକ ସୌମ୍ୟ ପଣ୍ଡା କହିଛନ୍ତି।

## ଜଙ୍ଗଲ ସୁରକ୍ଷା ସମିତିର କର୍ମୀଙ୍କୁ ଖଲାସ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ପୁରୀ ଅଫିସ, ୪।୯

ପୁରୀ ଜିଲାର ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତିର କର୍ମୀମାନେ ଦୀର୍ଘବର୍ଷ ହେଲା ସିପସରୁବାଲି ଅଞ୍ଚଳରେ ପ୍ରସ୍ତାବିତ ଶାମୁକା ପ୍ରକଳ୍ପ ଓ ନୂତନ ବିମାନ ଘାଟିକୁ ବିରୋଧ କରୁଥିବାରୁ କ୍ରମାଗତ ଗିରଫ ଓ ଆକ୍ରମଣର ଶିକାର ହେଉଛନ୍ତି। ଗତ ଅଗଷ୍ଟ ୧୬ ତାରିଖରେ ସମିତିର ଅନ୍ୟତମ କର୍ମୀ ବଟକୃଷ୍ଣ ସ୍ୱାଇଁ ନିଜ ଗ୍ରାମକୁ ଫେରୁଥିବା ସମୟରେ ଜିଲା ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ଏହାକୁ ପ୍ରତିବାଦ କରିବାକୁ ଯାଇ ରାଜ୍ୟର ବିଭିନ୍ନ ଗଣସଂଗଠନ, ରାଜନୈତିକ ଦଳ, ମାନବିକ ଅଧିକାର କର୍ମୀ, ହାଇକୋର୍ଟ ତଥା ବିଭିନ୍ନ ଜିଲା କୋର୍ଟର ଓକିଲ, କବି ଓ ସ୍ତମ୍ଭକାରମାନେ କର୍ମୀ ସ୍ୱାଇଁଙ୍କୁ ନିର୍ଦ୍ଦୋଷ ଭାବେ ଖଲାସ ଦାବି କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ପରିବେଶର ସୁରକ୍ଷା ଲାଗି କାମ କରୁଥିବା ସାମାଜିକ କର୍ମୀମାନେ ବେଳେବେଳେ ଆକ୍ରମଣର ଶିକାର ସହ ବିନା ଦୋଷରେ ଗିରଫ ମଧ୍ୟ ହୁଅନ୍ତି। ଅନ୍ୟପଟରେ ଜଙ୍ଗଲ ନଷ୍ଟ, ଖଣିଜ ସମ୍ପଦ ଲୁଟ କରୁଥିବା ବ୍ୟକ୍ତିମାନଙ୍କୁ ପୋଲିସ ଗିରଫ କରୁ ନ ଥିବାରୁ ଖୁଲମଖୁଲା ବାହାରେ ବୁଲୁଛନ୍ତି। ଅଥଚ ସିପସରୁବାଲି ଅଞ୍ଚଳରେ କାର୍ଯ୍ୟରତ ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତିର କର୍ମୀ ବଟକୃଷ୍ଣ ସ୍ୱାଇଁଙ୍କୁ ପୁରୀ ଜିଲା ସଦର ପୋଲିସ ବିନା କାରଣରେ ଗିରଫ କରିଛି। ଏବେ ସେ ପୁରୀ ଜେଲରେ ବିଚାରାଧୀନ କଏଦୀ ଭାବେ ଅଛନ୍ତି। ଯଦି ସିପା ସରୁବାଲି ଅଞ୍ଚଳରେ ବିମାନ ଘାଟି ହେବ ଓ ଯେଉଁ ଜଙ୍ଗଲ ନଷ୍ଟ ହେବ ତାହା ବାତ୍ୟାର ପ୍ରକୋପକୁ ଆହୁରି ବଢାଇବ। ତେଣୁ ପୁରୀର ଶାମୁକା ପ୍ରକଳ୍ପ ଓ ନୂତନ ବିମାନଘାଟି ଯୋଜନାକୁ ବାତିଲ କରିବା ସହିତ ତୁରନ୍ତ ବଟକୃଷ୍ଣଙ୍କୁ ନିଃସର୍ତ୍ତରେ ଖଲାସ କରାଯାଉ। ଚିଠିରେ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନର ସଭାପତି ଗୋଲକ ବିହାରୀ ନାଥ, କବି ଆଶୁତୋଷ ପରିଡା, ସିପିଆଇ (ଏମ) ଜନାର୍ଦ୍ଦନ ପତି, ଖବରଦାତା ରବି ଦାସ, ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ, ସାମାଜିକ କର୍ମୀ ସୁଧୀର ପଟ୍ଟନାୟକ, ବାସନ୍ତୀ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ସଂଗଠନ ଏବଂ ବ୍ୟକ୍ତିବିଶେଷମାନଙ୍କ ପକ୍ଷରୁ ଚିଠି ଦିଆଯାଇଛି।




ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ଜିତିଥିବା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କୁ ଆଇସ୍‌କ୍ରିମ କାଠିରେ ପ୍ରସ୍ତୁତ ମେଡାଲରେ ଶୁଭେଚ୍ଛା ଜଣାଉଛନ୍ତି ଶିଳ୍ପୀ ନନ୍ଦିନୀ ପଟ୍ଟନାୟକ ।

## କୋଭିଡ୍-୧୯ ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ପଦଯାତ୍ରା

ସାକ୍ଷୀଗୋପାଳ,୪।୯(ସ୍ୱ.ପ୍ର.)

ପାରାମେଡିକାଲ କର୍ମଚାରୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଉଦାସୀନତା ମନୋଭାବ ଓ କୋଭିଡ୍-୧୯ ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଜୟ ଜଗନ୍ନାଥ କୋଭିଡ୍ ପାରାମେଡିକାଲ ସଂଘ, ଓଡ଼ିଶା ପକ୍ଷରୁ ଏକ ପଦଯାତ୍ରା କରାଯାଇଛି। ସଂଘ ସଭାପତି ଅଧୀର କୁମାର ଜେନାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶୁକ୍ରବାର ପୁରୀ ଜଗନ୍ନାଥଙ୍କ ମନ୍ଦିରଠାରୁ ବାହାରିଥିବାବେଳେ ନବୀନ ନିବାସ ପର୍ଯ୍ୟନ୍ତ ଯିବେ। ତେବେ ସନ୍ଧ୍ୟାରେ ପଦଯାତ୍ରାର କର୍ମକର୍ତ୍ତାମାନେ ସାକ୍ଷୀଗୋପାଳରେ ପହଞ୍ଚି ଯାତ୍ରୀନିବାସରେ ରାତ୍ରୀଯାପନ କରିଥିଲେ। ଶନିବାର ସାକ୍ଷୀଗୋପଳଙ୍କ ଦର୍ଶନ କରି ଦ୍ୱିତୀୟ ଦିନର ପଦଯାତ୍ରା ଆରମ୍ଭ କରିଥିଲେ। ତେବେ ନିବାସ ନିବାସରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସଂଘର ନ୍ୟାଯ୍ୟ ଦାବି ବିଷୟରେ ଅବଗତ କରାଇବେ ବୋଲି ସଂଘ ସଭାପତି ଜେନା ପ୍ରକାଶ କରିଛନ୍ତି। କରୋନା ସମୟରେ ନିଜ ଜୀବନକୁ ବାଜି ଲଗାଇ କରୋନା ରୋଗୀଙ୍କୁ ସେବା ଯୋଗାଇଥିଲେ। ଏବେ ତୃତୀୟ ଲହର ଆସିବାକୁ ଥିବାବେଳେ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଚୁକ୍ତିଭିତ୍ତିକ ନିଯୁକ୍ତି ନ ଦେଇ ପାରାମେଡିକାଲ ଷ୍ଟାଫ ଓ ଅଭିଜ୍ଞତା କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ସଂଘ କର୍ମକର୍ତ୍ତାମାନେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଏହି ପଦଯାତ୍ରାରେ ରବିନାରାୟଣ ବେହେରା, ଆଶିଷ ସିଂ, ସୁମତି ଦୃତିଚାନ୍ଦ, ଆଦିତ୍ୟ ବିଶ୍ୱାଳ, ରାଜଶ୍ରୀ କର, ଅରୁଣ ବାରିକ, ଅମ୍ରିତା ନାୟକ, ନନ୍ଦିତା ପଣ୍ଡା, ଅବିନାଶ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।